# ହତାଶିଆ ଛକରେ ଜମୁଛି ବେପାର

**ବାସୁଦେବପୁର,୨୪।୨(କାଳିପଦ ରାୟ)**

■ ୪୦ବର୍ଷ ତଳେ ହାତବାନ୍ଧି ବସିଥିଲେ ଦୋକାନୀ

■ ହତାଶିଆ ଛକ କହି ଦୋକାନ ବନ୍ଦ କରିଥିଲେ ନାଗା ନାୟକ



ହତାଶିଆ ଛକରେ ପରିବା ହାଟ।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥ ପ୍ରସାଦ ପଞ୍ଚାୟତର ହତାଶିଆ ଛକ ଦୀର୍ଘ ୪୦ବର୍ଷ ପରେ ବ୍ୟବସାୟର ପେଣ୍ଠସ୍ଥଳ ପାଲଟିଛି। ଛକରେ ୪୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଦୋକାନ, ଏଏନ୍ଏମ୍ ସେଣ୍ଟର, ବସ୍‌ଷ୍ଟାଣ୍ଡ ସହ କଲ୍ୟାଣ ମଣ୍ଡପ, ବିଦ୍ୟାଳୟ, ମନ୍ଦିର ଓ ସାପ୍ତାହିକ ହାଟ ଗଢ଼ି ଉଠିଛି। ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ହାଟରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବ୍ୟବସାୟୀ ଏଠାରେ ବେପାର କରୁଛନ୍ତି। ଜଗନ୍ନାଥପ୍ରସାଦ ପଞ୍ଚାୟତର ପଡ଼ୋଶୀ ପଞ୍ଚାୟତ ଲକ୍ଷ୍ମୀଦାସପୁର, ବାଲିମେଦ ଓ ପଦ୍ମପୁର ଅଞ୍ଚଳର ବ୍ୟବସାୟୀମାନେ ସାପ୍ତାହିକ ହାଟରେ ବେପାର କରୁଥିବା ବେଳେ ଶତାଧିକ ଜନସାଧାରଣ ଏହି ବଜାର ଉପରେ ନିର୍ଭର କରୁଛନ୍ତି। ଏବେ ଏହି ବଜାରରେ ବ୍ୟବସାୟୀମାନଙ୍କ ବେପାର ବେଶ୍ ଜମୁଛି।

ବାସୁଦେବପୁର ବ୍ଲକର ପଦ୍ମପୁର ପଞ୍ଚାୟତଠାରୁ ୮ କି.ମି. ଦୂରରେ ଥିବା ଏହି ଛକ ୧୯୮୬ରେ ଗୋଟିଏ ଚା' ଦୋକାନ ଓ ୨ଟି ତେଜରାତି ଦୋକାନରେ ସୀମିତ ଥିଲା। ପଞ୍ଚାୟତର ନାୟକ ସାହିର ନାଗା ନାୟକ ଏହି ଛକରେ ଚା' ଦୋକାନ କରିଥିବା ବେଳେ କହୁଣିଆ ସାହିର ଇନ୍ଦ୍ରମଣି ବେହେରା ଓ ସ୍ୱର୍ଗତ ବାଇଧର ଘଡ଼େଇ ୨ଟି ତେଜରାତି ଦୋକାନ କରିଥିଲେ। ସେ ସମୟରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ବାଟୋଇମାନେ ଏହି ଛକରେ ଅଟକି ଖାଇବା ପାଇଁ ଦୋକାନ ଖୋଜୁଥିଲେ। ସେତେବେଳେ ଏହି ଅଞ୍ଚଳର ଲୋକଙ୍କର ଆର୍ଥିକ ପରିସ୍ଥିତି ବହୁତ ଖରାପ ଥିଲା। ଦୋକାନରୁ ସଉଦା ନେଇ ଠିକ୍ ସମୟରେ ଗରାଖମାନେ ଟଙ୍କା ଦେଇପାରୁ ନ ଥିଲେ। ଫଳରେ କେହି ବ୍ୟବସାୟୀ ଏଠାରେ ଦୋକାନ କରିବା ପାଇଁ ଇଚ୍ଛା କରୁ ନ ଥିଲେ। ଭେଡ଼ା ଅଞ୍ଚଳର ଚାଷୀମାନେ ପ୍ରତିବର୍ଷ ବନ୍ୟା ପାଇଁ ଧାନ ଅମଳ କରିପାରୁ ନ ଥିଲେ। ଥିଲାବାଲାଙ୍କ ଘରେ ମଜୁରୀ ଲାଗି ଧାନ ଚାଉଳ ଆଣି ପରିବାର ପ୍ରତିପୋଷଣ କରୁଥିଲେ। ଅଭାବ ଅନାଟନରେ ବିଦେଶରୁ ଆସୁଥିବା ବର୍ଗଲାର ଓ ମକା ଗୁଣ୍ଡ ଖାଇ ଲୋକେ ଜୀବନ ବଞ୍ଚାଉଥିଲେ। ଏହି ରାସ୍ତା ଦେଇ ତିହିଡ଼ି, ବାସୁଦେବପୁର, ଧାମରାର ବିଭିନ୍ନ ସ୍ଥାନରୁ ଆସୁଥିବା ଲୋକେ ଛକରେ ପିଇବା ପାଇଁ ପାଣି ବି ପାଉ ନ ଥିଲେ। ଶେଷରେ ନିଜ ଦୋକାନ ଚଳାଇ ନ ପାରି ନାଗା ହତାଶ ହୋଇପଡ଼ିଥିଲେ। ଏହି ଛକକୁ ହତାଶିଆ ଛକ ବୋଲି କହି ସେ ଦୋକାନ ବନ୍ଦ କରି ଦେଇଥିଲେ। ସେବେଠାରୁ ଏହି ଛକର ନାଁ ହତାଶିଆ। ୧୯୯୯ ମହାବାତ୍ୟା ପରେ ମନ୍ତେଇ ନଦୀ ଉପରେ ପୋଲ, ପଦ୍ମପୁରରୁ ବିରସ ରାସ୍ତା ନିର୍ମାଣ ପରେ ଏହି ଛକରୁ ବାସୁଦେବପୁର, ଧାମରା ଓ ତିହିଡ଼ି ଅଞ୍ଚଳକୁ ଲୋକେ ଯାତାୟାତ କରୁଛନ୍ତି। ଏଠାରେ ବିଭିନ୍ନ ଦୋକାନ ଗଢ଼ିଉଠିଛି। ଆଗାମୀ ଦିନରେ ଏହି ଛକରେ ଅଧିକରୁ ଅଧିକ ବ୍ୟବସାୟ ପ୍ରତିଷ୍ଠାନ ଗଢ଼ିଉଠିବା ସହ ସ୍ଥାନୀୟ ଅଞ୍ଚଳର ବିକାଶରେ ସହାୟକ ହେବ ବୋଲି ବ୍ୟବସାୟୀ ବିଷ୍ଣୁ ମୋହନ ଘଡ଼େଇ କହିଛନ୍ତି।

# ରାହୁଲଙ୍କୁ ଅପମାନ: ଏତଲା ଦେଲା କଂଗ୍ରେସ



କଂଗ୍ରେସ ପକ୍ଷରୁ ଏସ୍‌ପି ମନୋଜ ରାଉତଙ୍କୁ ଏତଲା ପ୍ରଦାନ କରାଯାଉଛି।

**ଭଦ୍ରକ,୨୪।୨(ସନାତନ ରାଉତ)**

ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭାଜପା ପକ୍ଷରୁ ବାରମ୍ବାର ଅପମାନିତ କରାଯାଉଥିବା ପ୍ରତିବାଦରେ କଂଗ୍ରେସ ଏତଲା ଦେଇଛି। ପିସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲା କଂଗ୍ରେସ ସଭାପତି ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ବିଭିନ୍ନ ନାରା ଦେଇ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ପରେ ଏକ ପ୍ରତିନିଧି ମଣ୍ଡଳୀ ଏସ୍‌ପି ମନୋଜ ରାଉତଙ୍କୁ ଏତଲା ପ୍ରଦାନ କରିଛନ୍ତି। ଖୋଦ୍ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାହୁଲଙ୍କୁ 'ଦେଶର ସୁରକ୍ଷା ପ୍ରତି ବିପଦ' ବୋଲି ଆଖ୍ୟା ଦେବା ଅତ୍ୟନ୍ତ ନିନ୍ଦନୀୟ। ସେହିପରି ଏପଷ୍ଟିନ ଫାଇଲରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ନାମ ରହିଛି ବୋଲି ଜିଲା କଂଗ୍ରେସ ସଭାପତି ମହାନ୍ତି କହିଛନ୍ତି। ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ରିଜିଜୁ ଓ ପୁରୀଙ୍କ ସହ ଏମ୍‌ପି ନିଶିକାନ୍ତ ଦୁବେଙ୍କ ଇସ୍ତଫା ଦାବି କରାଯାଇଛି। ଦେବରୂପ ମହାନ୍ତି, ପୀତବାସ ଧଳ, ବଳରାମ ରାଉତ, ବିଜୟ ବାରିକ, ଶର୍ମିଷ୍ଠା ପଣ୍ଡା, ଶଶିକାନ୍ତ ଜେନାଙ୍କ ସମେତ ଦଳୀୟ ନେତା ଓ କର୍ମୀମାନେ ଏତଲା ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ୧୦୨ ୟୁନିଟ୍ ରକ୍ତ ସଂଗୃହୀତ

**ଚାନ୍ଦବାଲି,୨୪।୨(ଅଶୋକ ପଣ୍ଡା)**

ଚାନ୍ଦବାଲି ବ୍ଲକ ଧାମରା ଅଞ୍ଚଳର ଦ୍ୱିବେଦୀ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ମୁଖ୍ୟ ଶୁଭାଶିଷ ଦ୍ୱିବେଦୀ ଓ ସୁରଜ ବେହେରାଙ୍କ ସହଯୋଗରେ ଧାମରା ମତ୍ସ୍ୟ ପୋତାଶ୍ରୟ ପରିସରରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଇଂ. ଅଭୟ ସୂତାର ଯୋଗଦେଇ ଶରୀର ପାଇଁ ରକ୍ତର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡା. ଜନ୍ମେଜୟ ବେହେରା, ଅବସରପ୍ରାପ୍ତ ସେନାଧକ୍ଷ ନରହରି ମଲ୍ଲିକ, ସାମାଜିକ କର୍ମୀ ଧ୍ରୁବ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ମୋଟ ୧୦୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରତିକାନ୍ତ ବେହେରା ଶିବିର ପରିଚାଳନା କରିଥିଲେ।

# ପୁଣ୍ୟତିଥିରେ କାନ୍ତକବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ



କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଜିଲାପାଳ ଦିଲୀପ ରାଉତରାଏଙ୍କ ସହ ଅଧିକାରୀ ଓ ଅନ୍ୟମାନେ।

**ଭଦ୍ରକ,୨୪।୨ (ସନାତନ ରାଉତ/ରବିନାରାୟଣ ଖିଲାର)**

ସ୍ୱାଧୀନତା ସଂଗ୍ରାମୀ, 'ବନ୍ଦେ ଉତ୍କଳ ଜନନୀ'ର ରଚୟିତା ତଥା ଭଦ୍ରକର ବୀରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୁଣ୍ୟତିଥିରେ ମଙ୍ଗଳବାର ସକାଳେ ଭଦ୍ରକ ବାଇପାସ୍ ଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ଜିଲାପାଳ ଦିଲୀପ ରାଉତରାଏ ମାଲ୍ୟାର୍ପଣ କରି କହିଥିଲେ, କାନ୍ତକବିଙ୍କ ଅମର ରଚନା 'ବନ୍ଦେ ଉତ୍କଳ ଜନନୀ' ଓଡ଼ିଆ ଜାତିର ଅସ୍ମିତା, ଏକତା ଓ ଦେଶପ୍ରେମର ପ୍ରତୀକ। କାନ୍ତକବିଙ୍କ ଆଦର୍ଶକୁ ପାଥେୟ କରି ଯୁବପିଢ଼ି ଦେଶସେବାରେ ନିଜକୁ ନିୟୋଜିତ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ। ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ତ୍ୟାଗଭୂମି ସଭାପତି ଅଜୟ ନାୟକ, ଭଦ୍ରକ କଲେଜର ଅବସରପ୍ରାପ୍ତ ଅଧକ୍ଷ ରାମଚନ୍ଦ୍ର ପଣ୍ଡା, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ ପ୍ରମୁଖ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଭଦ୍ରକ ବୁଦ୍ଧିଜୀବୀ ପରିଷଦ, ରାଜ୍ୟ ଯୁବ ଲେଖକ ପରିଷଦ, ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ସଦସ୍ୟ, ବିଭିନ୍ନ ମହିଳା ସଙ୍ଗଠନ କର୍ମକର୍ତ୍ତା, ସାହିତ୍ୟିକ, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ଭଦ୍ରକରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣାକୁ ସ୍ୱାଗତ ଜଣାଇଲା ମୁସ୍‌ଲିମ୍ ଜମାତ

**ଭଦ୍ରକ,୨୪।୨(ସନାତନ ରାଉତ)**

ଭଦ୍ରକ ଜିଲାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣାକୁ ବିଭିନ୍ନ ମହଲରୁ ସ୍ୱାଗତ ଜଣାଇଥିବା ବେଳେ ଭଦ୍ରକ ମୁସ୍‌ଲିମ୍ ଜମାତ ପକ୍ଷରୁ ସରକାରଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି। ଜମାତର ଉପସଭାପତି ଶେଖ୍ ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ, ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ, କୋଷାଧ୍ୟକ୍ଷ ମିର୍ଜା ଏକ୍ରାମ ବେଗ, ଆଇନଜୀବୀ ତାହେର ମହମ୍ମଦ, ଶେଖ୍ ହବିବୁଲ୍ଲା, ଶେଖ ଆବୁକାଲାମ, ହାଜୀ କାସିମ ଖାନ, ଅସରଫ୍ ଅଲ୍ଲି ଖାନ, ଇଂ. ରେଜାଏ ରସୁଲ, ଜମିଲ ଅଖତର ଖାନ, ଇଂ. ହବିବୁଲ୍ଲା ଖାନ, ଇଂ. ମୁଖତାର ଅହେମ୍ମଦ ରସିଦ, ମିଡିଆ ସେଲ୍ ସଂଯୋଜକ ଶେଖ୍ ଅନୱର, ମୁସ୍ତାକ ଗୌହର, ଶେଖ୍ ଇମତିୟାଜ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏମ୍‌ପି ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ତୁରନ୍ତ ପ୍ରକଳ୍ପର ଭୂମିପୂଜନ କାର୍ଯ୍ୟକ୍ରମ କରିବାକୁ ଜମାତ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି।

# ବାସୁଦେବପୁର ଓକିଲ ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ



କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଓକିଲ ସଂଘର କର୍ମକର୍ତ୍ତା।

**ବାସୁଦେବପୁର,୨୪।୨ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର କୋର୍ଟ ନିକଟରେ ଓକିଲ ସଂଘର କାର୍ଯ୍ୟାଳୟ ଗୃହ ମଙ୍ଗଳବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଷ୍ଣୁବ୍ରତ ବିଧାୟକ ଥିବା ସମୟରେ ତାଙ୍କ ଆଞ୍ଚଳିକ ପାଣ୍ଠିରୁ ଏହି ଗୃହ ନିର୍ମାଣ ପାଇଁ ୬ ଲକ୍ଷ ଟଙ୍କା ବିନିଯୋଗ ହୋଇଥିଲା। ବାସୁଦେବପୁରରେ କୋର୍ଟ ଖୋଲିବା କ୍ଷେତ୍ରରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ସଭାରେ ଆଇନଜୀବୀମାନେ ମତବ୍ୟକ୍ତ କରିଥିଲେ। ସେ ବିଧାୟକ ଥିବା ସମୟରେ ଓକିଲ ବନ୍ଧୁମାନଙ୍କ ସମସ୍ୟା ଓ ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ ବୋଲି ବିଷ୍ଣୁବ୍ରତ କହିଥିଲେ। ଓକିଲ ସଂଘ ସଭାପତି ଆଇନଜୀବୀ ସହଦେବ ଦାଶ ସଭାପତିତ୍ୱ କରିଥିଲେ। ବରିଷ୍ଠ ଆଇନଜୀବୀ ଅମୂଲ୍ୟ କୁମାର ଦାସ, ନରେନ୍ଦ୍ର କୁମାର ସାମଲ, କୃପାସିନ୍ଧୁ ମଲିକ, ସରକାରୀ ଓକିଲ ନାରାୟଣ ନାୟକ, ପ୍ରଦୀପ କୁମାର ମହାନ୍ତି, ନୀରଦ କୁମାର ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ପାଦକ କୃପାସିନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟାଙ୍କରେ ଋଣ: ଧାନ ବିକ୍ରି ଟଙ୍କା ଉଠାଇ ପାରୁନାହାନ୍ତି ଚାଷୀ

**ବାସୁଦେବପୁର,୨୪।୨(କାଳିପଦ ରାୟ)**

ବାସୁଦେବପୁର ବ୍ଲକ ଅଧୀନ ଲକ୍ଷ୍ମୀଦାସପୁର ପଞ୍ଚାୟତ ଖେଜୁଆଳପୁର ଗ୍ରାମର ଚାଷୀ ନିତ୍ୟାନନ୍ଦ ବାରିକଙ୍କର ବ୍ୟାଙ୍କରେ ଋଣ ଥିବାରୁ ଧାନ ବିକ୍ରି ଟଙ୍କା ଉଠାଇ ପାରୁ ନ ଥିବା ସେ ଅଭିଯୋଗ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ମାଟିପକା ସେବା ସମବାୟ ସମିତିରେ ଗତ ଫେବୃଆରୀ ୨ରେ ୩୭. ୫ କୁଇଣ୍ଟାଲ ଧାନ ସେ ବିକ୍ରି କରିଥିଲେ। ଧାନର ସରକାରୀ ମୂଲ୍ୟ ଅନୁଯାୟୀ ୧ ଲକ୍ଷ ୧୬ ହଜାର ୨୫୦ ଟଙ୍କା କୋଅପରେଟିଭ ବ୍ୟାଙ୍କ ବାସୁଦେବପୁର ଶାଖାରେ ଆସିଥିବା ମାଟିପକା ସମବାୟ ସମିତିର ସମ୍ପାଦକ ଧର୍ମନାରାୟଣ ଜେନାଙ୍କଠାରୁ ସୂଚନା ପାଇ ଟଙ୍କା ଉଠାଇବାକୁ ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କରେ ଉଠାଣ ଫର୍ମ ଦାଖଲ କଲା ପରେ ତାଙ୍କ ଆକାଉଣ୍ଟ ଫ୍ରିଜ୍ ହୋଇଥିବା ସେ ଜାଣିବାକୁ ପାଇଥିଲେ। ପଚାରିବାରୁ ବ୍ୟାଙ୍କ ସହାୟକ ଶାଖା ପରିଚାଳକ ତାଙ୍କ ନାମରେ ଋଣ ଥିବାରୁ ପରିଶୋଧ ନ କଲେ ଟଙ୍କା ଉଠାଣ କରାଯାଇପାରିବ ନାହିଁ ବୋଲି ମନା କରିଦେଇଥିଲେ। ସେ ନିଜ ଜମି ବନ୍ଧକ ରଖି ଋଣ ନେଇଥିବା ବେଳେ ପରିଶୋଧ ପାଇଁ ବ୍ୟାଙ୍କ ଆଇନଗତ ପଦକ୍ଷେପ ନ ନେଇ ତାଙ୍କ ଧାନ ବିକ୍ରି ଟଙ୍କା ଉଠାଇବାକୁ ନ ଦେବା ନ୍ୟାୟସଙ୍ଗତ ନୁହେଁ ବୋଲି ନିତ୍ୟାନନ୍ଦ କହିଛନ୍ତି। ଏନେଇ ନିତ୍ୟାନନ୍ଦ ଗତ ୧୮ ତାରିଖରେ ବ୍ୟାଙ୍କର ସହାୟକ ଶାଖା ପରିଚାଳକଙ୍କ ନାମରେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଧାନ ବିକ୍ରି ଟଙ୍କା ତୁରନ୍ତ ନ ପାଇଲେ ସେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି। ଏନେଇ ବ୍ୟାଙ୍କର ଶାଖା ପରିଚାଳକ ମହେନ୍ଦ୍ର ନାୟକଙ୍କୁ ପଚାରିବାରୁ ନିତ୍ୟାନନ୍ଦ ଋଣ ବାବଦରେ କିଛି ଟଙ୍କା ପରିଶୋଧ କଲେ ଧାନ ବିକ୍ରି ଟଙ୍କା ଉଠାଣ ପାଇଁ ଅନୁମତି ପ୍ରଦାନ କରାଯିବ ବୋଲି କହିଛନ୍ତି।

# ଠିକାଦାରଙ୍କୁ ଚାନ୍ଦା ମାଗିବାକୁ ନେଇ ଗୋଷ୍ଠୀ ସଂଘର୍ଷ

## ୨୦ ଆହତ, ୬ ଗୁରୁତର

**ଧୁଷୁରୀ, ୨୪।୨(ଦୀପ୍ତିରଞ୍ଜନ ନାୟକ)**

ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ଭଇଁସାହି ପଞ୍ଚାୟତର ନରହରିପୁର ଗାଁରେ ପୋଲ ନିର୍ମାଣ କରୁଥିବା ଠିକାଦାରଙ୍କୁ ଚାନ୍ଦା ମାଗିବାକୁ କେନ୍ଦ୍ରକରି ମଙ୍ଗଳବାର ସନ୍ଧ୍ୟାରେ ଗୋଷ୍ଠୀସଂଘର୍ଷ ଘଟିଛି। ଉଭୟ ପକ୍ଷରୁ ୨୦ରୁ ଅଧିକ ବ୍ୟକ୍ତି ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ୬ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ଧୁଷୁରୀ ଏରିଆ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଧୁଷୁରୀ ପୋଲିସ ଉକ୍ତ ଗ୍ରାମରେ ପହଞ୍ଚି ଗଣ୍ଡଗୋଳ ନିୟନ୍ତ୍ରଣ କରିଛି। ଉକ୍ତ ଗ୍ରାମସ୍ଥିତ କଣ୍ଡିଆ ନଦୀରେ ପୋଲ ନିର୍ମାଣ କରୁଥିବା ଠିକାଦାରଙ୍କୁ ଗୋଟିଏ ସାହିର ୫ ଯୁବକ ଚାନ୍ଦା ମାଗିବାରୁ ଅନ୍ୟ ସାହିର କେତେଜଣ ଯୁବକ ଏହାକୁ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପ୍ରଥମେ ବଚସା ଓ ପରେ ହାତାହାତି ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି। ଖବର ଲେଖହେବା ପର୍ଯ୍ୟନ୍ତ ଉଭୟ ପକ୍ଷ ମଧ୍ୟରୁ କେହି ଥାନାରେ ଏତଲା ଦେଇନାହାନ୍ତି।

# ଶିଶୁଯତ୍ନ ପ୍ରଣାଳୀ ଉପରେ କର୍ମଶାଳା




**ଭଦ୍ରକ,୨୪।୨ (ସନାତନ ରାଉତ/ରବିନାରାୟଣ ଖିଲାର)**

ଭଦ୍ରକ ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲ୍ୟରେ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନଙ୍କୁ ନେଇ 'ଶିଶୁମାନଙ୍କ ଯତ୍ନ ପ୍ରଣାଳୀ ପ୍ରସ୍ତୁତି' ବିଷୟରେ ଏକଦିବସୀୟ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଜିଲା ଶିଶୁ ସୁରକ୍ଷା ୟୁନିଟ କାର୍ଯ୍ୟାଳୟଠାରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କ ପାଇଁ ଠିକ୍ ଆବଶ୍ୟକତା ଚିହ୍ନଟ ଓ ବ୍ୟକ୍ତିଗତ ଯତ୍ନ ପ୍ରଣାଳୀ ପ୍ରସ୍ତୁତି ମାଧ୍ୟମରେ ସେମାନଙ୍କର ସମଗ୍ର ଉନ୍ନତି ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ପ୍ରଦୀପ୍ତ କୁମାର କର ଯୋଗଦେଇ ଶିଶୁମାନଙ୍କ ଭାବନାତ୍ମକ ଓ ମାନସିକ ସ୍ଥିତିକୁ ଗୁରୁତ୍ୱ ଦେଇ ଯତ୍ନ ପ୍ରଣାଳୀ ପ୍ରସ୍ତୁତି କରିବାକୁ ପରାମର୍ଶ ଦେଇଥିଲେ। ଉପଖଣ୍ଡ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ମଧୁସ୍ମିତା ମହାପାତ୍ର, ବିଷୟ ବିଶେଷଜ୍ଞ ଭାବେ ଜିଲା ଶିଶୁ ମଙ୍ଗଳ ସମିତିର ପୂର୍ବତନ ସଦସ୍ୟ ସତ୍ୟସୁନ୍ଦର ପୁହାଣ ଯୋଗଦେଇ ଆଲୋଚନା କରିଥିଲେ। ସୁରକ୍ଷା ୟୁନିଟ୍‌ର ବିଶ୍ୱନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କର୍ମଶାଳାରେ ଜିଲାର ୭ଟି ଶିଶୁ ଯତ୍ନ ଅନୁଷ୍ଠାନର ସମ୍ପାଦକ, ଅଧୀକ୍ଷକ ଓ ପରାମର୍ଶଦାତା ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ମହେଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସ୍ୱାଗତିକା ବାରିକ, ସୁବାଶିଷ ମିଶ୍ର, ଲକ୍ଷ୍ମୀପ୍ରିୟା ମଲ୍ଲିକ ଓ କୁଳଦୀପ ଜେନା ଉପସ୍ଥିତ ଥିଲେ।

# 'ସମସ୍ୟାରେ ସମ୍ଭାବନା ଆଣିଥାଏ ସମର୍ପଣଭାବ'

## ଲକ୍ଷ୍ମୀନାରାୟଣ ପୂଜାର ସୁବର୍ଣ୍ଣ ଜୟନ୍ତୀ

**ତିହିଡ଼ି,୨୪।୨(ସଞ୍ଜିତ ବଳ)**



ଅତିଥିମାନେ ପତ୍ରିକା ଉନ୍ମୋଚନ କରୁଛନ୍ତି।

ଦୈନନ୍ଦିନ ଜୀବନରେ ଲୋକେ ବିଭିନ୍ନ ସମସ୍ୟାକୁ ସାମ୍ନା କରିଥାନ୍ତି। ସମର୍ପଣ ଭାବ ଥିଲେ ସମସ୍ୟା ସମ୍ଭାବନା ଆଣିଥାଏ ବୋଲି ଜିଲାପାଳ ଦିଲୀପ ରାଉତରାଏ କହିଛନ୍ତି। ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ଆରୁହାସ୍ଥିତ ଲକ୍ଷ୍ମୀନାରାୟଣ ପୂଜାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସୋମବାର ରାତିରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଯୋଗଦେଇ ଏହା କହିବା ସହ ପ୍ରାର୍ଥନା ଭଗବାନଙ୍କୁ ନୁହେଁ ଆମକୁ ବଦଳାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ ଯୋଗଦେଇ ଯେଉଁ ଲକ୍ଷ୍ୟରେ ମନ୍ଦିର ନିର୍ମାଣ ହୋଇଛି, ତାହାକୁ ପୂରଣ କରାଯିବା ଆବଶ୍ୟକ ବୋଲି କହିଥିଲେ। ବରେଣ୍ୟ ଅତିଥି ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ଅତିଥି ଭାବେ ସରପଞ୍ଚ ସୁପ୍ରଭା ପାଣି ଓ ଗାଳ୍ପିକ ବିପ୍ଳବ ରଞ୍ଜନ ପତି ଯୋଗ ଦେଇଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ମୁରଲୀଧର ବାରିକ ପୌରୋହିତ୍ୟ ଏବଂ କବି ଡ. ଅମୂଲ୍ୟ ସେନାପତି ସଞ୍ଚାଳନ କରିଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରକାଶିତ ପତ୍ରିକା 'ସ୍ୱାଭିମାନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଉନ୍ମୋଚନ ସମୟରେ ପୂଜା କମିଟିର ପୂର୍ବତନ ସଭାପତି ଇଂ. ଭାଗୀରଥି ବେହେରା, ଡ. ଅଜୟ କୁମାର ମଲ୍ଲିକ, ଅନିରୁଦ୍ଧ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କମିଟି ଉପସଭାପତି ସରୋଜ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ଦେବେନ୍ଦ୍ର କୁମାର ବାରିକ ବିବରଣୀ ପାଠ କରିଥିଲେ। ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ନାୟକ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସ୍ଥାନୀୟ ସ୍କୁଲର ଛାତ୍ରୀମାନଙ୍କ ନୃତ୍ୟାଭିନୟ ମାଧ୍ୟମରେ ବାଳିକା ସୁରକ୍ଷା ସଚେତନତା ବାର୍ତ୍ତା ବେଶ୍ ମର୍ମସ୍ପର୍ଶୀ ହୋଇଥିଲା। କମିଟି ସଭାପତି ପରମାନନ୍ଦ ନାୟକ, କୋଷାଧ୍ୟକ୍ଷ ଦେବେନ୍ଦ୍ର ବାରିକ, ମାନସ ସେନାପତି, ଗୋପବନ୍ଧୁ ସ୍ୱାଇଁ, ଅଶ୍ୱିନୀ ମଲ୍ଲିକ ପ୍ରମୁଖ କର୍ମକର୍ତ୍ତା ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ନିଜ ଭାଷାରେ ପାଠ ପଢ଼ିବେ ଶିଶୁ

## 'ଆମେ ପଢ଼ିବା ଆମ ଭାଷାରେ' କର୍ମଶାଳା

କେନ୍ଦୁଝର,୨୪।୨
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଶିଶୁମାନଙ୍କୁ ସେମାନଙ୍କ ମାତୃଭାଷାରେ ପ୍ରାରମ୍ଭିକ ଶିକ୍ଷା ପ୍ରଦାନ ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର କେନ୍ଦୁଝର ଜିଲା ସଦର ବ୍ଲକ ସଭାଗୃହଠାରେ 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମ ଅଧୀନରେ 'ହୋ' ଭାଷାରେ ଶିକ୍ଷାଦାନ ନିମନ୍ତେ ଏକଦିବସୀୟ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମାତୃଭାଷାରେ ଶିକ୍ଷା ଉପରେ ଗୁରୁତ୍ୱ ଜାତୀୟ ଶିକ୍ଷାନୀତି-୨୦୨୦କୁ ଆଧାର କରି ପ୍ରସ୍ତୁତ ଏହି ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି ୩ରୁ ୬ବର୍ଷ ବୟସର ଶିଶୁମାନଙ୍କୁ ସେମାନେ ବୁଝୁଥିବା ଓ କହୁଥିବା ମାତୃଭାଷାରେ ଶିକ୍ଷା ଦେବା। ଏହାଦ୍ୱାରା ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଶିଶୁମାନଙ୍କର ବୌଦ୍ଧିକ ବିକାଶ ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କେନ୍ଦୁଝର ଜିଲାରେ ମୁଖ୍ୟତଃ ମୁଣ୍ଡା (ହୋ) ଭାଷା ଉପରେ ଗୁରୁତ୍ୱ ଦିଆଯାଇ ପ୍ରଥମ ପର୍ଯ୍ୟାୟରେ ଏହି ପାଇଲଟ ପ୍ରୋଜେକ୍ଟ କାର୍ଯ୍ୟକାରୀ କରାଯାଉଛି। ଅଙ୍ଗନୱାଡି କର୍ମୀ, ସହାୟିକା, ସୁପରଭାଇଜର ଏବଂ ସିଡିପିଓମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ମାତୃଭାଷା ଆଧାରିତ ନୂତନ 'ଅରୁଣିମା' ପାଠ୍ୟକ୍ରମର ପ୍ରଚଳନ। ଶିଶୁ-ମିତ୍ର ଶିକ୍ଷା ପରିବେଶ ସୃଷ୍ଟି। ସ୍ଥାନୀୟ ଲୋକକଥା, ଲୋକଗୀତ ଓ ପରମ୍ପରାକୁ ଶିକ୍ଷାଦାନରେ ସାମିଲ କରିବା। ସହଯୋଗୀ ସଂସ୍ଥା ଓ ଜିଲା ସମାଜ କଲ୍ୟାଣ ବିଭାଗର ସୌଜନ୍ୟରୁ ଆୟୋଜିତ ଏହି କର୍ମଶାଳାରେ 'ପ୍ରଥମ' ପରି ସ୍ୱେଚ୍ଛାସେବୀ ସଂସ୍ଥା ସ୍ଥାନୀୟ ଭାଷାରେ ଶିକ୍ଷା ପ୍ରଦାନ ନିମନ୍ତେ ବୈଷୟିକ ସହଯୋଗ ଯୋଗାଇ ଦେଉଛନ୍ତି। କର୍ମଶାଳାରେ ଉପଜିଲାପାଳ ଉମାକାନ୍ତ ଦଳାଇ କହିଥିଲେ, ଯଦି ଜଣେ ଶିଶୁ ପ୍ରଥମ ଦିନରୁ ନିଜ ଭାଷା ବଦଳରେ ଏକ ଅଜଣା ଭାଷାର ସମ୍ମୁଖୀନ ହୁଏ, ତେବେ ସେ ମାନସିକ ସ୍ତରରେ ସଂକୁଚିତ ହୋଇଯାଏ। ଶିଶୁଟି ଯେପରି ଖୁସିରେ ଅଙ୍ଗନୱାଡି କେନ୍ଦ୍ରକୁ ଆସିବ, ସେଥିପାଇଁ ମାତୃଭାଷାରେ ଶିକ୍ଷାଦାନ ସର୍ବୋତ୍ତମ ମାଧ୍ୟମ। ନିଜ ଭାଷାରେ ଶିଶୁ ପାଠ ପଢ଼ିଲେ ସେମାନଙ୍କ ମାନସିକ ସଂକୋଚ ଦୂର ହେବ। ସେହିପରି ଗୁରୁ (ଅଙ୍ଗନୱାଡି କର୍ମୀ) ଓ ଶିଷ୍ୟଙ୍କ ମଧ୍ୟରେ ଯୋଗାଯୋଗର ମାଧ୍ୟମ ଠିକ୍ ରହିଲେ ହିଁ ଶିକ୍ଷାଦାନ ସଫଳ ହେବ। ଜିଲା ସମାଜ କଲ୍ୟାଣ ଅଧିକାରୀ ସବିତା ଦାଶ, ଜିଲା ମଙ୍ଗଳ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ, ଆଇଟିଡିଏ କେନ୍ଦୁଝରର ସ୍ୱତନ୍ତ୍ର ଅଧିକାରୀ ମନୋରଞ୍ଜନ ବେହେରା ଏବଂ ଏଡିଇଓ ରୁଦ୍ରନାରାୟଣ ସାମଲ ଯୋଗଦେଇ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସାମାଜିକ କଲ୍ୟାଣ ଅଧିକାରୀ ରଞ୍ଜୁରାଣୀ ଦାସ, ଘଟଗାଁ ସିଡିପିଓ ଜୟନ୍ତୀ ମହାନ୍ତ, ସରପଞ୍ଚ ମୁକୁନ୍ଦ ମୁଣ୍ଡା, ଆଇସିଡିଏସ୍ ସେଲ୍ ପ୍ରକଳ୍ପ ଅଧିକାରୀ ବାସନ୍ତୀ ମହାନ୍ତ, ପ୍ରକଳ୍ପ ଅଧିକାରୀ ଚୁଲେଶ୍ୱରୀ ପଟେଲ ପ୍ରମୁଖ ପ୍ରଶିକ୍ଷଣ ପରିଚାଳନାରେ ସହଯୋଗ କରିଥିଲେ। ଜିଲା ସମାଜ କଲ୍ୟାଣ ବିଭାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲା।



କର୍ମଶାଳାରେ ଅଂଶଗ୍ରହଣ କରିଥିବା ଅଙ୍ଗନୱାଡି କର୍ମୀ, ସୁପରଭାଇଜର ଓ ଅନ୍ୟମାନେ।

# ଉଦୟପୁର ଧାନମଣ୍ଡିରେ ଅବ୍ୟବସ୍ଥା

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କଲେ ଚାଷୀ

ପାଟଣା,୨୪।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହରପଡ଼ା ବ୍ଲକ ଅଧୀନ ଉଦୟପୁର ଲ୍ୟାମ୍ପସରେ ଧାନ କ୍ରୟରେ ନାନା ଅନିୟମିତତା ଓ ଅବ୍ୟବସ୍ଥା ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଉଦୟପୁର ଓ ସିଲିପଦା ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଚାଷୀ ଦୀପକ ରାଜ ଓ ବିପିନ ବିହାରୀ ସାମଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କେନ୍ଦୁଝର ମଣ୍ଡୁଆସ୍ଥିତ ଅଭିଯୋଗ ପ୍ରକୋଷ୍ଠରେ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସମବାୟ ସମିତିର କର୍ମଚାରୀ ବଳରାମ ମହାନ୍ତ ଓ ସମବାୟ ସମିତି ପରିଚାଳିକା ରଞ୍ଜୁଶ୍ରୀ ମହାନ୍ତଙ୍କ ଯୋଗୁ ମଣ୍ଡିରୁ ଧାନ ଉଠୁ ନାହିଁ। ଧାନ ଟୋକନ ବଣ୍ଟନରେ ଅନିୟମିତତା କରାଯାଉଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ଉଦୟପୁର ସମବାୟ ସମିତିରେ ସମ୍ପୂର୍ଣ୍ଣ ଉଦୟପୁର ପଞ୍ଚାୟତ ସହ ଶିଲିପଦା,ବାଇକଳା ଓ ଖୁଣ୍ଟା ପଡ଼ାର କେତେକ ଚାଷୀ ଖରିଫ ଋତୁରେ ଧାନ ବିକ୍ରି କରିବା ପାଇଁ ପଞ୍ଜୀକୃତ ହୋଇଛନ୍ତି। ମୋଟ ପଞ୍ଜୀକୃତ ୭୬୧ଜଣ ଚାଷୀଙ୍କ ମଧ୍ୟରୁ ୪୦୦ ଚାଷୀ ଧାନ ମଣ୍ଡିରେ ବିକ୍ରି କରିଛନ୍ତି। ୧୭ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାର ଥିବାବେଳେ ଏଯାବତ ୧୦ହଜାର କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ଲ୍ୟାମ୍ପସ ଏମ୍‌ଡି ରଞ୍ଜୁଶ୍ରୀ ମହାନ୍ତ କହିଛନ୍ତି।

ଏନେଇ ସାହରପଡ଼ା ସମବାୟ ସମିତି ପରିଚାଳିକା ମହାନ୍ତଙ୍କୁ ପଚାରିବାରୁ ଏହା ସାରା ଓଡ଼ିଶାର ସମସ୍ୟା। ଚାଷୀମାନେ ଅଧର୍ଯ୍ୟ ହୁଅନ୍ତୁନାହିଁ। ସମସ୍ତଙ୍କ ଧାନ ପର୍ଯ୍ୟାୟ କ୍ରମେ କିଣା ହେବ। କାହାରି ଟୋକନ ଲାପ୍ସ ହେବ ନାହିଁ। ସାହାରପଡ଼ା ଯୋଗାଣ ଅଧିକାରୀ ସସ୍ମିତା ସେଠୀଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

# ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ମିଳୁନି ସ୍ୱାସ୍ଥ୍ୟସେବା

## ଫାଟକରେ ତାଲା, ନିରାଶ ହୋଇ ଫେରୁଛନ୍ତି ରୋଗୀ

କେନ୍ଦୁଝର,୨୪।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ ଅଧୀନ ଶଙ୍କିରୀ ପଞ୍ଚାୟତ ଶଙ୍କିରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ଅନେକ ସମୟ ଏଠାରେ ତାଲା ଝୁଲୁଥିବାରୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ନିରାଶ ହୋଇ ଫେରୁଛନ୍ତି। ମଙ୍ଗଳବାର ଶଙ୍କିରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଜଣେ ଛାତ୍ରଙ୍କୁ ଜ୍ୱର ହୋଇଥିବାରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନରେଶ ପ୍ରସାଦ ତାଙ୍କୁ ଚିକିତ୍ସା ପାଇଁ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରକୁ ନେଇଥିଲେ। ହେଲେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଫାଟକରେ ତାଲା ଝୁଲୁଥିବାରୁ ସେ ଫେରି ଆସିଥିଲେ। ପରେ ସେ ଛାତ୍ରଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଦୀର୍ଘଦିନ ହେଲା ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ମିଳୁ ନ ଥିବା ନେଇ ଜନସାଧାରଣଙ୍କ ମଧ୍ୟରେ ଅଶାନ୍ତି ଲାଗିରହିଛି। ବିଶେଷକରି ଉକ୍ତ ଗ୍ରାମର ଗରିବ ଲୋକେ ଯେଉଁମାନେ ଅନ୍ୟ ଡାକ୍ତରଖାନା ଯାଇପାରୁ ନାହାନ୍ତି, ସେମାନେ ଅଧିକ ଅସୁବିଧାରେ ପଡୁଛନ୍ତି। ଅନେକ ଚିକିତ୍ସିତ ହୋଇ ନ ପାରି ଗୁରୁତର ହେଉଛନ୍ତି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମଧୁସ୍ମିତା ସା କହିଛନ୍ତି, ଏଠାରେ ନିଯୁକ୍ତ ହୋଇଥିବା ଏଏନ୍‌ଏମ୍, ସ୍ୱାସ୍ଥ୍ୟକର୍ମୀ ଆସୁନାହାନ୍ତି। ଏ ସମ୍ପର୍କରେ ସିଡିଏମ୍‌ଓ ଏବଂ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ସେ ଜଣାଇଛନ୍ତି। ଏନେଇ ସିଡିଏମ୍‌ଓ ଡା. ବି ବି ମିଶ୍ରଙ୍କୁ ପଚାରିବାରୁ ତାଙ୍କ ପାଖରେ ସୂଚନା ନାହିଁ, ଏହାର ଯାଞ୍ଚ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।



ଶଙ୍କିରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ତାଲା ଝୁଲୁଛି।

# ଆନନ୍ଦପୁରକୁ ଜିଲା ଦାବିରେ ବିକାଶ ପରିଷଦର ସମାବେଶ




ସମାବେଶରେ ବିକାଶ ପରିଷଦର କର୍ମକର୍ତ୍ତା ଓ ଅନ୍ୟମାନେ।

ଆନନ୍ଦପୁର, ୨୪।୨(ସୁଶାନ୍ତ କୁମାର ସାହୁ)

ଆନନ୍ଦପୁରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ନେଇ ଆନନ୍ଦପୁର ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଦଧିବାମନ ମନ୍ଦିର ପରିସରରେ ପରିଷଦର ସଭାପତି ରମାକାନ୍ତ ନାୟକ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ ଓ ବ୍ୟବସାୟିକ ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇ ସୁଚିନ୍ତିତ ମତାମତ ଦେଇଥିଲେ। ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବୟାନ ପରେ ଉପଖଣ୍ଡବାସୀ ବେଶ ଆଶାବାଦୀ ହୋଇଥିବାରୁ ବୁଧବାର ଉପଜିଲାପାଳଙ୍କ ଜରିଆରେ ସରକାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ଉପଖଣ୍ଡବାସୀଙ୍କ ମତ ଅନୁସାରେ, କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡକୁ ସବୁକ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଛି। ଜିଲାସ୍ତରୀୟ ଅଧିକାରୀମାନେ କେବଳ ସରକାରୀ କାର୍ଯ୍ୟରେ ଆନନ୍ଦପୁର ଆସୁଥିବା ବେଳେ ଅନ୍ୟ ସମୟରେ ତାଙ୍କର ପାଦ ପଡୁନି, ଏପରିକି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାସ୍ତରୀୟ ଅଧିକାରୀମାନେ ଏଠାରେ ରହୁନାହାନ୍ତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ୍ୟ ସମସ୍ୟା ସମାଧାନ କ୍ଷେତ୍ରରେ କାହାର ଆନ୍ତରିକତା ରହୁନି। ଉପଖଣ୍ଡର କେତେକ ସ୍ଥାନରୁ ଜିଲା ମୁଖ୍ୟାଳୟର ଦୂରତା ୧୪୦କି.ମି. ହୋଇଥିବାରୁ ସେହିସବୁ ସ୍ଥାନର ଲୋକେ କୌଣସି କାମରେ ମୁଖ୍ୟାଳୟକୁ ଗଲେ ହଇରାଣ ହେଉଛନ୍ତି। ଅନେକ ସମୟରେ ଲୋକେ ମୁଖ୍ୟାଳୟରେ ରାତିରେ ରହି ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।

# ଜିଲା କଂଗ୍ରେସ ପକ୍ଷରୁ ଏତଲା

କେନ୍ଦୁଝର,୨୪।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ବିରୋଧୀ ଦଳ ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ ପ୍ରତିବାଦରେ କେନ୍ଦୁଝର ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଟାଉନ ଥାନାରେ ଏତଲା ଦିଆଯାଇଛି। ଶାସକ ଦଳ ଭାଜପା ପକ୍ଷରୁ ବାରମ୍ବାର ରାହୁଲଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରାଯାଉଛି। ଖୋଦ୍ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାହୁଲଙ୍କୁ 'ଦେଶର ସୁରକ୍ଷା ପ୍ରତି ବିପଦ' ବୋଲି ଆଖ୍ୟା ଦେବା ଅତ୍ୟନ୍ତ ନିନ୍ଦନୀୟ। ବିବାଦୀୟ ଏପଷ୍ଟିନ ଫାଇଲ୍‌ରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରିଙ୍କ ନାମ ଉଲ୍ଲେଖ ହେବା ପ୍ରଘଟ ହେବା ପର ମୁହୂର୍ତ୍ତରେ ହିଁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା କଥା। ଏପରିକି ସେ ବିବାଦୀୟ ଏପଷ୍ଟିନଙ୍କୁ ଏକାଧିକଥର ସାକ୍ଷାତ କରିଥିବା ସ୍ୱୀକାର କରିବା ପରେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ତାଙ୍କୁ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ପାଇଁ କୁହାଯାଇ ନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଣୁ ତାଙ୍କୁ ମନ୍ତ୍ରିପରିଷଦରୁ ତୁରନ୍ତ ବରଖାସ୍ତ କରାଯିବା ସହ ତାଙ୍କୁ ଗିରଫ କରାଯାଉ। ସେହିପରି ରାହୁଲଙ୍କ ବିରୋଧରେ ଅପଶବ୍ଦ ପ୍ରୟୋଗ ପାଇଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କଂଗ୍ରେସ ନେତାମାନେ ଦାବି କରିଛନ୍ତି। ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ସଦର ବ୍ଲକ ସଭାପତି ଉତ୍ତମ କୁମାର ସାହୁ, ପୂର୍ବତନ ଜିଲା ସଭାପତି ମୋହନ ପରିଡ଼ା, ଲଳିତ ମୋହନ ନାୟକ, ସୁଜଳ କୁମାର ସେଠୀ, ଉତ୍ତମ କୁମାର ସାହୁ, ରତ୍ନାକର ଜେନା, କ୍ଷୀରୋଦ ପାତ୍ର, ଦିନେଶ ରାଉତ, ଲୋକନାଥ ଚୁଡ଼ୁ, ରଶ୍ମିରଞ୍ଜନ ଜେନା, ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରଦୀପ ଦାସ, ପବିତ୍ର ପାତ୍ର, ହୃଦାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ପରି ଚାଲେଞ୍ଜର, ବଜରଙ୍ଗୀ ଦି ସାଭିୟର ବିଜୟୀ

## ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ

ବାରିପଦା,୨୪।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତୁଳସୀଚଉରା ଦୁର୍ଗାପୂଜା ପଡ଼ିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟର ୧୦ମ ଦିନର ୧ମ ମ୍ୟାଚରେ ପରି ଚାଲେଞ୍ଜର ୧୩ ରନରେ ପ୍ଲେ ବ୍ୟାକ ଚାଲେଞ୍ଜର ଦଳକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ପରି ଚାଲେଞ୍ଜର ଦଳ ୧୨ ଓଭରରେ ୭ ଉଇକେଟ ହରାଇ ୧୬୮ ରନ କରିଥିବା ବେଳେ ପ୍ଲେ ବ୍ୟାକ ଦଳ ୧୨ ଓଭରରେ ୬ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲ। ପରି ଚାଲେଞ୍ଜର ଦଳର ସଞ୍ଜୀବ କୁମାର ମହାପାତ୍ର ସର୍ବାଧିକ ୪୯ ଓ ସରୋଜ ପରିଡା ୪୧ ରନ କରିଥିବା ବେଳେ ପ୍ଲେ ବ୍ୟାକ୍ ଦଳର ଆଦିତ୍ୟ କୁମାର ବସା ସର୍ବାଧିକ ୭୦ ରନ କରିଥିଲେ । ୨ୟ ମ୍ୟାଚରେ ବଜରଙ୍ଗୀ ଦି ସାଭିୟର ୭ ରନରେ ଭାମ୍ପାୟାର ମାରୁତି ସ୍ପୋର୍ଟସକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ବଜରଙ୍ଗୀ ଦଳ ୧୨ ଓଭରରେ ୯ ଉଇକେଟ ହରାଇ ୧୩୨ ରନ କରିଥିବା ବେଳେ ଭାମ୍ପାୟାର ଦଳ ୧୨ ଓଭରରେ ୯ ଉଇକେଟ ହରାଇ ୧୨୫ ରନ କରିପାରିଥିଲେ । ବଜରଙ୍ଗୀ ଦଳର ଏସ କୁମାର ୪ଟି ଏବଂ ଭାମ୍ପାୟାର ଦଳର ସୁଧାଂଶୁ ପାଲ ୫ଟି ଉଇକେଟ ଅକ୍ତିଆର କରିଥିଲେ । ରତିକାନ୍ତ ଦାସ, ଲକ୍ଷ୍ମୀଧର ସିଂ, ସଞ୍ଜୟ ସିଂ ଓ ଗଦାଧର ନାୟକ ଖେଳ ପରିଚାଳନା କରିଥିବା ବେଳେ କରନ ଖାନ ସ୍କୋରିଂରେ ସହାୟତା କରିଥିଲେ। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ । କମିଟିର ସଭାପତି ସୌମ୍ୟ ରଞ୍ଜନ ମିଶ୍ର, ସାଧାରଣ ସମ୍ପାଦକ ଗଦାଧର ନାୟକ, ଉପ ସଭାପତି ରମାକାନ୍ତ ଦାସ, ମୁଖ୍ୟ ସଂଯୋଜକ ସୁଦର୍ଶନ ପାତ୍ର ଓ କୋଷାଧ୍ୟକ୍ଷ ଶ୍ରୀକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ପ୍ରିଣ୍ଟ ମୂଲ୍ୟଠାରୁ ଅଧିକ ଦରରେ ବିକ୍ରି ହେଉଛି ଗୁଟ୍‌ଖା

ଚମ୍ପୁଆ,୨୪।୨(ମହେଶ୍ୱର ଦାସ)

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ନିକୋଟିନ ଯୁକ୍ତ ଗୁଟୁଖା ବିକ୍ରି ଓ ଗଚ୍ଛିତ ଉପରେ ଅଙ୍କୁଶ ଲଗାଇଥିବା ବେଳେ ପରମୁହୂର୍ତ୍ତରେ ଗୁଟୁଖା ଦର ହୁହୁ ହୋଇ ବଢୁଥିବା ଦେଖିବାକୁ ମିଳିଛି। ସରକାରଙ୍କ ଘୋଷଣା ପୂର୍ବରୁ ଗୁଟୁଖା ପ୍ୟାକେଟ ୫ ଟଙ୍କାରେ ମିଳୁଥିବା ବେଳେ ଦିନକୁ ଦିନ ଏହାର ମୂଲ୍ୟ ବୃଦ୍ଧି ପାଇବା ସହ ଖୁଲମ ଖୁଲା ବେପାର ହେଉଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ସହରାଞ୍ଚଳଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପାନ ଦୋକାନଠାରୁ ଆରମ୍ଭ କରି ଜଳଖିଆ ଦୋକାନରେ ମଧ୍ୟ ଗୁଟୁଖାର ଅବାଧ କାରବାର ବଢ଼ିବାରେ ଲାଗିଛି। ପୂର୍ବରୁ ଗୋଟା ୫ଟଙ୍କାରେ ବିକ୍ରି ହେଉଥିବା ବେଳେ ପରମୁହୁର୍ତରେ ୭ ଟଙ୍କା ଏପରିକି ଗୋଟା ପ୍ରତି କେତେକ ଦୋକାନୀ ୧୦ ଟଙ୍କା ଲେଖାଏ ବିକ୍ରି କରିବାକୁ ପଛାଉ ନାହାନ୍ତି। କେତେକ ପ୍ୟାକେଟକୁ ଅଧିକ ଦରରେ କିଣୁଥିବା କହୁଥିବା ବେଳେ କେତେକ ଏହାର ଅଭାବି ବିକ୍ରିର ଫାଇଦା ଉଠାଇବାକୁ ପଛଉ ନାହାନ୍ତି। ଫଳରେ ଗୁଟୁଖା ଦର ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ଠୋସ ପଦକ୍ଷେପ ନିଆଯାଉ ନ ଥିବାରୁ ବର୍ତ୍ତମାନ ବଜାରରେ ଏହା ଅଙ୍କୁଶ ବିହିନ ଭାବରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଏନେଇ ଚମ୍ପୁଆ ଏନଏସିରେ ନିଯୁକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଜୀବନ କୁମାର ବେହେରାଙ୍କୁ ପଚାରିବାରୁ ଏହା ଉପରେ ନଜର ରଖାଯାଇଛି, ଖୁବ ଶୀଘ୍ର ଚଢ଼ାଉ କରାଯିବ ବୋଲି ସେ କହିଛନ୍ତି।

# ଜନଗଣନା ପୂର୍ବ ପ୍ରସ୍ତୁତି ନେଇ ପ୍ରଶିକ୍ଷଣ

କେନ୍ଦୁଝର, ୨୪।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଆଗାମୀ 'ଡିଜିଟାଲ ଜନଗଣନା-୨୦୨୭' ପାଇଁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସୋମବାର ଓ ମଙ୍ଗଳବାର ହୋଇଥିବା ଏହି ଶିବିରରେ ଜିଲାର ସମସ୍ତ ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଚାର୍ଜ ଅଫିସର ଏବଂ ଜନଗଣନା ସହାୟକମାନେ ଯୋଗ ଦେଇଥିଲେ। ପ୍ରଥମ ଦିନରେ 'ଜନଗଣନା ପରିଚାଳନା ଏବଂ ଅନୁଧ୍ୟାନ ବ୍ୟବସ୍ଥା' ଏବଂ ଏଚ୍‌ଏଲ୍‌ବି ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ତଥ୍ୟ ସଂଗ୍ରହ, ରିଅଲ-ଟାଇମ୍ ରିପୋର୍ଟିଂ ଏବଂ ପୋର୍ଟାଲରେ ଡାଟାଏଣ୍ଟ୍ରି ସମ୍ବନ୍ଧରେ ଅଧିକାରୀମାନଙ୍କୁ ବୈଷୟିକ ଜ୍ଞାନକୌଶଳ ଶିକ୍ଷା ଦିଆଯାଇଥିଲା। ଦ୍ୱିତୀୟ ଦିନରେ ଚାର୍ଜ ଅଫିସର, ଗଣନାକାରୀ ଏବଂ ସୁପରଭାଇଜରମାନଙ୍କ ଦାୟିତ୍ୱ ଉପରେ ଆଲୋଚନା ହୋଇଥିଲା। ଏଥିସହ 'ଏଚ୍‌ଏଲ୍‌ଓ ମୋବାଇଲ ଆପ୍' ମାଧ୍ୟମରେ ସ୍ୱୟଂ ଜନଗଣନା ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ମାର୍ଗଦର୍ଶିକା ପ୍ରଦାନ କରାଯାଇଥିଲା। ଜନଗଣନା କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ଡିଜିଟାଲାଇଜ କରିବା ଏବଂ କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏହି ପ୍ରଶିକ୍ଷଣ ଶିବିରର ମୂଳ ଲକ୍ଷ୍ୟ। ଏହାଦ୍ୱାରା ୨୦୨୭ ଜନଗଣନା କାର୍ଯ୍ୟ ଅଧିକ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ହୋଇପାରିବ ବୋଲି କୁହାଯାଇଥିଲା। ଜିଲାସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତଙ୍କ ସନ୍ଦେହ ଦୂର କରିବା ସହ ଆଗାମୀ ଦିନରେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଅଟେଇ, କର୍ଲାପାଟ ଜଙ୍ଗଲରେ ୨୭ କଲରାପତରିଆ ବାଘ

## ଅଟେଇ ସଂରକ୍ଷିତ ଜଙ୍ଗଲରେ ୩ କଲରାପତରିଆ ବାଘଛୁଆ

କେନ୍ଦୁଝର, ୨୪।୨(ଦୀପକ ମିଶ୍ର)

କେନ୍ଦୁଝର ବନଖଣ୍ଡର ଅଟେଇ ସଂରକ୍ଷିତ ଜଙ୍ଗଲରେ ବୁଲୁଥିବା ମହାବଳ ବାଘ ଏବେ ନ ଥିବାବେଳେ କର୍ଲାପାଟ ଏବଂ ଅଟେଇ ସଂରକ୍ଷିତ ଜଙ୍ଗଲରେ ମୋଟ ୨୭ଟି କଲରାପତିରିଆ ବାଘ ଏବଂ ୩ଟି କଲରାପତରିଆ ବାଘଛୁଆ ଥିବା ଡିଏଫ୍‌ଓ ଏଚ୍‌ଡି ଧନରାଜ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଅଟେଇ ସଂରକ୍ଷିତ ଜଙ୍ଗଲରେ ଦୁଇବର୍ଷ ତଳେ ଏକ ମହାବଳ ବାଘ ଠାବ କରାଯାଇଥିଲା। କେନ୍ଦୁଝର ବନଖଣ୍ଡରେ ମହାବଳ ବାଘର ଠିକଣା ମିଳିବା ପ୍ରଥମ ଘଟଣା ଥିଲା। ସେଥିପାଇଁ ବନ ବିଭାଗ ବାଘର ସୁରକ୍ଷା ପାଇଁ ଚିନ୍ତିତ ଥିଲା ଏବଂ ଟ୍ରାପ୍ କ୍ୟାମେରା ଲଗାଇଥିଲା। ମହାବଳ ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ଅଟେଇ ସଂରକ୍ଷିତ ଜଙ୍ଗଲରେ ୫୪ଟି ଟ୍ରାପ୍ କ୍ୟାମେରା ୧.୪ କିଲୋମିଟର ପରିଧିରେ ଗୋଟିଏ ଲେଖାଏ କ୍ୟାମେରା ବିଭିନ୍ନ ସ୍ଥାନରେ ଲଗାଯାଇଥିଲା। ତେବେ ଏହି ଟ୍ରାପ୍ କ୍ୟାମେରାରୁ ହିଁ ମହାବଳକୁ ନିୟମିତ ନିରୀକ୍ଷଣ କରାଯାଇଥିଲା। କିନ୍ତୁ ପ୍ରାୟ ବର୍ଷକରୁ ଅଧିକ ହେବ ଏହି ଟ୍ରାପ୍ କ୍ୟାମେରାରେ ମହାବଳ ବାଘର ଗତିବିଧି ନଜରକୁ ଆସୁନାହିଁ। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରୁ ନିୟମିତ ବ୍ୟବଧାନରେ ସାତକୋଶିଆକୁ ମହାବଳ ବାଘ ଯାତାୟାତ କରିଥାନ୍ତି। ଏଣୁ ଏହି ମହାବଳ ବାଘ ହୁଏତ ଶିମିଳିପାଳରୁ କିମ୍ବା ସାତକୋଶିଆକୁ ପୁଣି ଫେରି ଯାଇଥାଇପାରେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଉଥିଲା। ଏହା ଏବେ ପୁଣି ବ୍ୟାଘ୍ର ଗଣନା ବେଳେ ସ୍ପଷ୍ଟ ହୋଇଛି। ଏବେ ବ୍ୟାଘ୍ର ଗଣନା ବେଳେ ଯେଉଁ ଟ୍ରାପ୍ କ୍ୟାମେରା ଲଗାଯାଇଥିଲା, ସେଥିରେ ତେଲକୋଇର କର୍ଲାପାଟ ସଂରକ୍ଷିତ ଜଙ୍ଗଲରେ ୧୮ଟି କଲରାପତିରିଆ ବାଘ ଥିବା ଜଣାପଡ଼ିଥିବା ବେଳେ ଅଟେଇ ଜଙ୍ଗଲରେ ୯ଟି କଲରାପତିରିଆ ବାଘ ଏବଂ ୩ଟି ଛୁଆ ଥିବା ଜଣାଯାଇଛି। ଏହି ବାଘର ପାଦଚିହ୍ନ ସଂଗ୍ରହରୁ ଏଭଳି ତଥ୍ୟ ମିଳୁଛି ବୋଲି ବନ ବିଭାଗ କହୁଛି। ଖାଲି ସେତିକି ନୁହେଁ, ଏଠାରେ ଅତ୍ୟନ୍ତ ବିରଳ ଚଉସିଙ୍ଗା, ଝିଙ୍କ, ବାର୍‌ହା, ହରିଣ ଆଦି ବ୍ୟାପକ ଭାବେ ରହିଥିବା ଜଣାଯାଇଛି। ସେହିପରି ହରିଚନ୍ଦନପୁର ବ୍ଲକର ଜଘିଂରା ଜଙ୍ଗଲରେ କଲରାପତିରିଆ ବାଘର ଚଳପ୍ରଚଳ ନେଇ ବନ ବିଭାଗ ସୂଚନା ପାଇଛି। ରେବଣା ଜଙ୍ଗଲଠୁ ଆରମ୍ଭକରି ଚମକପୁର ଜଙ୍ଗଲରେ ମଧ୍ୟ ଏକାଧିକ କଲରାପତରିଆ ବାଘ ଥିବା ବନ ବିଭାଗ ଜାଣିବାକୁ ପାଇଛି। ତେବେ ବାଘ ଯାତାୟାତ କରୁଥିବା ସ୍ଥାନରେ ବାଘର ପାଦଚିହ୍ନ ଜାଣିବା ପାଇଁ ଜଙ୍ଗଲ ଭିତରେ ୬ ମିଟର ଲମ୍ବ ଓ ୩ ମିଟର ଚଉଡ଼ାର ବାଲିରେ ପି ଆଇ ପି (ପଗ୍ ମାର୍କ ଇମ୍ପ୍ରେସନ ପ୍ୟାଡ୍) ପ୍ରସ୍ତୁତ କରାଯାଇଛି। ଏହି ସ୍ଥାନରୁ ବାଘର ପାଦଚିହ୍ନ, ମଳ, ମୂତ୍ର, ଲୋମ ଆଦି ସଂଗ୍ରହ କରାଯାଇ ଏହି ତଥ୍ୟ ସଂଗ୍ରହ କରାଯାଇଛି ବୋଲି ବନ ବିଭାଗ ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ, ଗତ ନଭେମ୍ବର ୧ରୁ ଜାନୁଆରୀ ୩୧ ପର୍ଯ୍ୟନ୍ତ ବ୍ୟାଘ୍ର ଗଣନା ଚାଲିଥିଲା। ଏଥିରେ ପ୍ରାୟ ୨୫ ବନ କର୍ମଚାରୀ, ଶତାଧିକ ଫରେଷ୍ଟର, ଫରେଷ୍ଟ ଗାର୍ଡଙ୍କ ସହ ଏସିଏଫ୍ ସାମିଲ ହୋଇଥିଲେ ବୋଲି ଡିଏଫ୍‌ଓ ଧନରାଜ କହିଛନ୍ତି।



## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ପଡ଼ି କିନ୍ନରଙ୍କ ମୃତ୍ୟୁ

ଜଳେଶ୍ୱର, ୨୪।୨(ନବୀନ ସାହୁ): ଟ୍ରେନ୍‌ରୁ ଖସିପଡ଼ି ଜଣେ କିନ୍ନରଙ୍କ ଅକାଳ ବିୟୋଗ ଘଟିଛି। ମୃତକ ଜଣକ ହେଉଛନ୍ତି ଜଳେଶ୍ୱର ଥାନା ଅଧୀନ ରାଜପୁର ବସ୍ତିର ସଲମା କିନ୍ନର(୩୫)। ଗତ ସୋମବାର ଦିନ ପ୍ରାୟ ୨ଟା ବେଳେ ସଲମା ୧୨୮୭୬ ନଂ. ଅପ୍ ନୀଳାଞ୍ଚଳ ଏକ୍ସପ୍ରେସରେ ଯାତ୍ରା କରୁଥିଲେ। ତେବେ ଜଳେଶ୍ୱର ଓ ରାଜଘାଟ ଷ୍ଟେଶନ ମଧ୍ୟବର୍ତ୍ତୀ ବାଘାବାଳୀ ଗେଟ୍ ନିକଟରେ କୌଣସି କାରଣବଶତଃ ସେ ଟ୍ରେନ୍‌ରୁ ଖସି ପଡ଼ିଥିଲେ। ଫଳରେ ସେ ଗୁରୁତର ଭାବେ ଆହତ ହୋଇଥିଲେ। ଖବରପାଇ ଜଳେଶ୍ୱର ଷ୍ଟେଶନମାଷ୍ଟର ଚନ୍ଦନ ସିଂଙ୍କ ପ୍ରତ୍ୟକ୍ଷ ସହାୟତାରେ ରେଳ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା। ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରେଳ ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ଭୀମ ଭୋଇ ସାମର୍ଥ୍ୟ ଶିବିରରେ ୧୨୨ ପଞ୍ଜୀକୃତ

ଭୋଗରାଇ, ୨୪।୨(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପରିସରରେ ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ସାମର୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୭୯ ଜଣ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୧୨୨ ଜଣ ବିଭିନ୍ନ ପ୍ରକାର ମାନସିକ ଭିନ୍ନକ୍ଷମ, ୮୨ ଦୃଷ୍ଟିବାଧିତ, ୩୩୯ ଅସ୍ଥିଶଲ୍ୟ, ରକ୍ତହୀନତା ସ୍ନାୟୁ ଆଘାତ ପଞ୍ଜିକୃତ ହୋଇଥିଲେ। ଦିବ୍ୟାଙ୍ଗଙ୍କ ପରୀକ୍ଷାନିରୀକ୍ଷା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏହି ଶିବିରରେ ଯୋଗଦେଇ ଦିବ୍ୟାଙ୍ଗମାନଙ୍କୁ ଯାଞ୍ଚ କରି ଚିହ୍ନଟ କରିଥିଲେ। ଏହାବ୍ୟତୀତ ଡିଆରଆଇ ଋଣ ୫ଜଣ ଓ ବସ୍‌ରେ ଯାତାୟାତରେ ସୁବିଧା ପାଇଁ ୨୮ ଜଣଙ୍କୁ ମନୋନୀତ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ ସାମଲ, ବ୍ଲକ ସାମାଜିକ ସୁରକ୍ଷା କନିଷ୍ଠ ସହାୟକ ଆଦିତ୍ୟ ପ୍ରଧାନ, ସପନ ବ୍ରହ୍ମଙ୍କ ସମେତ ବ୍ଲକର କର୍ମଚାରୀମାନେ ଶିବିରକୁ ପରିଚାଳନା କରିଥିଲେ।

### ଦେଶୀ ରନ୍ଧାମଦ ଜବତ, ୩ ଗିରଫ

ଖଇରା, ୨୪।୨(ଉତ୍କଳବନ୍ଧୁ ପଣ୍ଡା): ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ଖଇରା ଥାନା ଅନ୍ତର୍ଗତ ନୟାଖଣ୍ଡି ଓ ଗୋଳିହାମାଧବ ଆଦି ଗ୍ରାମରେ ଚଢ଼ାଉ କରିଛି। ଚଢାଉ ବେଳେ ୯୦ଲିଟର ଦେଶୀ ରନ୍ଧାମଦ ଜବତ କରିବା ସହ ଗ୍ରାମର ସୁରେନ୍ଦ୍ର ବେହେରା, ନୟାଖଣ୍ଡି ଗ୍ରାମର ପାର୍ବତୀ ଦାସ ଓ ଗୋଳିହାମାଧବ ଗ୍ରାମର ସୁକାନ୍ତି ଦାସଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି । ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ସହ ଉପନିରୀକ୍ଷକ ଦୀପିକା ପରିଡା ଓ କନଷ୍ଟେବଲ ଦେବାଶିଷ ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ଏନେଇ ଖଇରା ଅବକାରୀ ଥାନା ପକ୍ଷରୁ ୩ଟି ମାମଲା ରୁଜୁ କରାଯାଇଛି।

# ଏଫ୍‌ଏମ୍‌ୟୁରେ 'ମହାବିଦ୍ୟାଳୟ ଅଧକ୍ଷ ସମ୍ମେଳନ'

■ ଅଂଶଗ୍ରହଣ କଲେ ୫୯ ମହାବିଦ୍ୟାଳୟର ଅଧକ୍ଷ ଓ ପ୍ରତିନିଧି
■ ସଂଶୋଧିତ ବିଧିବିଧାନ, ନୀତି ଓ ନିୟମ ଉପରେ ଗୁରୁତ୍ୱ

ବାଲେଶ୍ୱର,୨୪।୨(ବାଞ୍ଛାନିଧି ଦେ):



ସମ୍ମେଳନରେ ମଞ୍ଚାସୀନ ଅତିଥି, ଅଧକ୍ଷ ଓ ପ୍ରତିନିଧି।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ମହାବିଦ୍ୟାଳୟ ଉନ୍ନୟନ ପରିଷଦ ପକ୍ଷରୁ ମଙ୍ଗଳବାର 'ମହାବିଦ୍ୟାଳୟମାନଙ୍କର ଅଧକ୍ଷ ସମ୍ମେଳନ' ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ଅଧକ୍ଷତା କରି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ବିଶ୍ୱବିଦ୍ୟାଳୟ ମାନ୍ୟତା ଆୟୋଗଙ୍କ ନବ ବିଧିବିଧାନ, ପରୀକ୍ଷା ପ୍ରଣାଳୀ, ମାନ୍ୟତା ଓ ସମ୍ପର୍କୀୟତା ପ୍ରକ୍ରିୟା ବିଷୟରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ସାମଗ୍ରିକ ଉନ୍ନତି ନିମନ୍ତେ ସମସ୍ତ ମହାବିଦ୍ୟାଳୟ ପରସ୍ପର ସମନ୍ୱୟ, ସହଯୋଗ ଓ ସମର୍ଥନ ମାଧ୍ୟମରେ ଏକତ୍ର କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ମୁଖ୍ୟଅତିଥି ଓଡ଼ିଶା ରାଜ୍ଯ ଉଚ୍ଚ ଶିକ୍ଷା ପରିଷଦର କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ ଜାତୀୟ ଶିକ୍ଷା ନୀତି-୨୦୨୦ର ମୂଳ ଧାରଣା, ବିଶ୍ୱବିଦ୍ୟାଳୟ ମାନ୍ୟତା ଆୟୋଗଙ୍କ ନବ ସଂଶୋଧିତ ବିଧିବିଧାନ, ବିଶ୍ୱବିଦ୍ୟାଳୟସ୍ତରରେ ନିୟମାବଳୀ ଗଠନ ପ୍ରକ୍ରିୟା, ନୀତି ଓ ବିଭିନ୍ନ ନିୟମର କାର୍ଯ୍ୟକରଣ ପ୍ରଣାଳୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହ ଛାତ୍ରୀଛାତ୍ରୀଙ୍କୁ ବିଭିନ୍ନ ପ୍ରକଳ୍ପ, ପ୍ରଶିକ୍ଷଣାଭ୍ୟାସ, ସମୁଦାୟ ସେବା ଓ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଦିଗରେ ଗୁରୁତ୍ୱାରୋପ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ ଓ ପରୀକ୍ଷା ନିୟନ୍ତ୍ରକ ଡ. କମଳାକାନ୍ତ ଜେନା ଯୋଗଦେଇ ଶିକ୍ଷା ପ୍ରଶାସନ ଓ ପରୀକ୍ଷା ପ୍ରଣାଳୀ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଏହି ସମ୍ମେଳନରେ ବିଶ୍ୱବିଦ୍ୟାଳୟ ଅଧୀନ ବାଲେଶ୍ୱର ଓ ଭଦ୍ରକ ଜିଲାର ୫୯ଟି ମହାବିଦ୍ୟାଳୟ ଅଧକ୍ଷ ଓ ପ୍ରତିନିଧି ଯୋଗଦେଇ ଆଲୋଚନାରେ ସକ୍ରିୟ ଭାଗ ନେଇଥିଲେ। ମହାବିଦ୍ୟାଳୟ ଉନ୍ନୟନ ପରିଷଦ ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ, ସହାୟକ ଅଧ୍ୟାପିକା ଡ. ରାଜଶ୍ରୀ ଦତ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରଫେସର ପଙ୍କଜ କୁମାର ପାଢ଼ି ଧନ୍ୟବାଦ ଦେଇଥିଲେ।

# ବେପାରୀ ମିଶାଉଛନ୍ତି ନିଶାବଟିକା

## ପଶ୍ଚିମବଙ୍ଗରୁ ଚୋରାରେ ଆସୁଛି ମଦ

ଜଳେଶ୍ୱର, ୨୪।୨(ନବୀନ ସାହୁ):

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସୀମାନ୍ତବର୍ତ୍ତୀ ରାଇବଣିଆ ଥାନା ଅଞ୍ଚଳ ଏବେ ଚୋରା ମଦ ବେପାରୀଙ୍କ ଚରାଭୂଇଁ ପାଲଟିଛି। ପଶ୍ଚିମବଙ୍ଗରୁ ଆସୁଥିବା ଅପମିଶ୍ରିତ ଓ ବିଷାକ୍ତ ଦେଶୀମଦ ପିଇ ଲୋକଙ୍କ ଜୀବନହାନି ପ୍ରତି ଆଶଙ୍କା ଦେଖାଦେଉଥିବା ବେଳେ ସେଥିରେ ପୁଣି ନିଶା ବଢ଼ାଇବାକୁ ମିଶାଯାଉଛି ମାରାତ୍ମକ ବଟିକା। ଏ ଦିଗରେ ଅବକାରୀ ବିଭାଗ ଅବଗତ ଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି।

ପଶ୍ଚିମବଙ୍ଗର ଧୁମସାହି, ଧୋବାଗୋବିନ୍ଦପୁର, ଦୁଲଗ୍ରାମ, ନେକାଡସୋଲ ଅଞ୍ଚଳରୁ ଏବଂ ଓଡ଼ିଶାର ଖୁଆଡ ପଞ୍ଚାୟତ ଭାଉରାପଦା ଗ୍ରାମରେ ମଦ ତିଆରି ହୋଇ ବେଧଡ଼କ ଭାବେ ରାଇବଣିଆକୁ ଚାଲାଣ ହେଉଛି। ସ୍ଥାନୀୟ ବେପାରୀମାନେ ଅଧିକ ଲାଭ ଆଶାରେ ଏହି ମଦରେ ଏକ ପ୍ରକାର ନିଶା ବଟିକା ଓ ପାଣି ମିଶାଉଛନ୍ତି, ଯାହାକି ଶରୀର ପାଇଁ ଅତ୍ୟନ୍ତ ବିପଜ୍ଜନକ। ବିଶେଷ କରି ସର୍ଦ୍ଦାରବନ୍ଧ, ବରଡିହା, ଶ୍ୟାମନଗର, ଖୁଆଡ଼ ଏବଂ କାଳିକ ପଞ୍ଚାୟତରେ ଚୋରା ମଦ କାରବାର ଖୋଲାଖୋଲି ଭାବେ ଚାଲିଛି। ଚୋରା ମଦ ବେପାରୀମାନେ ପୋଲିସ ଆଖିରେ ଧୂଳି ଦେବା ପାଇଁ ଅଭିନବ ଉପାୟ ଆପଣାଉଛନ୍ତି। ଧାନଘେରି, ଚୂଡାମଣିପୁର ଏବଂ କଙ୍କଡାଫେରା ଭଳି ଦୁର୍ଗମ ରାସ୍ତାରେ ଓମିନି ଓ ବାଇକ ଯୋଗେ ରବରଟ୍ୟୁବ ଏବଂ ତେଲ ଡ୍ରମରେ ମଦ ବୁହାଉଛନ୍ତି। ସ୍ଥାନୀୟ ଗାଁଗୁଡ଼ିକରେ ଏବେ ମଦର ବନ୍ୟା ଛୁଟିଛି। ନିକଟରେ ସର୍ଦ୍ଦାରବନ୍ଧ ପଞ୍ଚାୟତ ବହଳାଗଡ଼ିଆ ଗ୍ରାମ ଏବଂ ଖୁଆଡ ପଞ୍ଚାୟତର ପୁରୁଣାପାଣି ଗାଁରେ ଜଣେ ୪୦ବର୍ଷୀୟ ଯୁବକ ଏହି ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜଳେଶ୍ୱର ଅବକାରୀ ବିଭାଗ ଅଧିକାରୀ ଦେବେନ୍ଦ୍ର ବେହେରାଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଆମେ ନିୟମିତ ଭାବେ ଚଢ଼ାଉ ଜାରି ରଖିଛୁ ଏବଂ ଅପରାଧୀଙ୍କୁ ଧରିବା ପାଇଁ ଜାଲ ବିଛାଇଛୁ।

# ସଦର ବ୍ଲକ୍‌ରେ ଟେଲରିଂ ୟୁନିଟ୍ ସ୍ଥାପନ ଦାବି

## ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

ବାଲେଶ୍ୱର,୨୪।୨(ବାଞ୍ଛାନିଧି ଦେ): ରାଜ୍ୟରେ ଭାଜପା ସରକାର ଗଠନ ହେବା ପରେ ମହିଳା ସଶକ୍ତିକରଣକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମିଶନ ଶକ୍ତି ଅଧୀନରେ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବାକୁ ନିର୍ବାଚନ ପୂର୍ବରେ ଘୋଷଣା ଅନୁଯାୟୀ ଆରମ୍ଭ ହୋଇଛି ସୁଭଦ୍ରା ଯୋଜନା। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆତ୍ମନିର୍ଭରଶୀଳ ମହିଳାଙ୍କ ସାମଗ୍ରିକ ବିକାଶ ମାଧ୍ୟମରେ ୧କୋଟି ଲକ୍ଷପତି ସୃଷ୍ଟିର ଲକ୍ଷ୍ୟ ରଖାଯାଇଛି। ମହିଳାଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତୃଣମୂଳସ୍ତରରେ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି। ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମଙ୍ଗଳବାର ସାକ୍ଷାତ୍ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି।


ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ବିଧାୟକ।

ବାଲେଶ୍ୱର ସଦର ବ୍ଲକରେ ମିଶନଶକ୍ତି ଜରିଆରେ ମହିଳାଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ଏକ ଟେଲରିଂ ୟୁନିଟ୍ ସ୍ଥାପନ ପାଇଁ ସେ ଦାବି ଜଣାଇଛନ୍ତି। ଏହି ୟୁନିଟ୍ ସ୍ଥାପନ ଦ୍ୱାରା ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି ସହ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ। ରାଜ୍ୟ ସରକାର ମହିଳା ସଶକ୍ତିକରଣକୁ ପ୍ରାଥମିକତା ଦେଉଛନ୍ତି। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ସହ ମାରିଦେବାକୁ ଉଦ୍ୟମ

ନୀଳଗିରି, ୨୪।୨(ପ୍ରଶାନ୍ତ ବିଶ୍ୱାଳ):

ନୀଳଗିରି ଥାନା ଅଧୀନ ଅଯୋଧ୍ୟା ଗାଁର ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ସହ ଜୀବନରୁ ମାରିଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଯୁବକଙ୍କୁ ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଅଯୋଧ୍ୟା କଲେଜ ଛକରେ ଗତ ରବିବାର ଅପରାହ୍ନ ୨ଟା ବେଳେ ଅଯୋଧ୍ୟା ଗାଁର ରବିଶଙ୍କର ମଲିକ ଛିଡ଼ା ହୋଇଥିବା ବେଳେ ଉକ୍ତ ଗାଁର ଚନ୍ଦ୍ରଭାନୁ ନାୟକ ତାଙ୍କୁ ଜାତିଆଣ ଉଠାଇ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେହିସମୟରେ ଯୁବକଙ୍କ ସମ୍ପର୍କୀୟ ଭାଇ ସେଠାରେ ପହଞ୍ଚି ତାଙ୍କୁ ଘରକୁ ନେଇଯାଇଥିଲେ। ପୁଣି ସେହି ସନ୍ଧ୍ୟାରେ ଚନ୍ଦ୍ରଭାନୁ ଓ ୩ ଜଣ ସହଯୋଗୀ ତାଙ୍କ ଘରେ ପହଞ୍ଚି ଜବରଦସ୍ତ ଉଠାଇ ଆଣି ନୀଳଗିରି ମିତ୍ରପୁର କଲେଜ ଆଡ଼କୁ ନିକଟ ଏକ ନିଛାଟିଆ ସ୍ଥାନରେ ମରଣାନ୍ତକ ଆକ୍ରମଣ କରିବା ସହ ଧାରୁଆ ଅସ୍ତ୍ରରେ ଗୋଟିଏ ଜଙ୍ଘକୁ କାଟି ରକ୍ତାକ୍ତ କରିଦେଇଥିଲେ। ରବିଶଙ୍କର ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କଠାରୁ ବର୍ତ୍ତିବା ପାଇଁ ଧାଇଁ ପାଖ ଜଙ୍ଗଲରେ ପଶିଯାଇଥିଲେ। କିଛି ଘଣ୍ଟା ପରେ ରବିଶଙ୍କର ସମ୍ପର୍କୀୟଙ୍କୁ ଯୋଗାଯୋଗ କରିଥିଲେ। ତାଙ୍କୁ ପରିବାର ଲୋକ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଏ ନେଇ ଆହତଙ୍କ ମା' ମମତା ମଲ୍ଲିକ ଗତ ସୋମବାର ନୀଳଗିରି ଥାନାରେ ଏତଲା ଦେବା ପରେ ପୋଲିସ ପକ୍ଷରୁ ଏକ ମାମଲା (ନଂ. ୯୭/୨୬) ରୁଜୁ ହୋଇଛି। ଏହି ଘଟଣାକୁ ପୋଲିସ ଗୁରୁତ୍ୱର ସହ ନେଇ ମଙ୍ଗଳବାର ବାଲେଶ୍ୱର ଡିଏସ୍‌ପି ନିବେଦିତା ସୋରେନ ଓ ସବ୍-ଇନ୍ସପେକ୍ଟର ନଳିନୀ ଜେନା ଘଟଣାସ୍ଥଳକୁ ଓ ମେଡିକାଲକୁ ଯାଇ ଘଟଣାର ତଦନ୍ତ କରୁଛନ୍ତି। ସେପଟେ ଗୁରୁତର ଯୁବକଙ୍କର ଏବେବି ନୀଳଗିରି ଡାକ୍ତରଖାନାରେ ଚିକିତ୍ସା ଚାଲିଛି।

# ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପି କାର୍ଯ୍ୟାଳୟରେ ଏତଲା


ଅତିରିକ୍ତ ଏସ୍‌ପି ଏତଲା ଗ୍ରହଣ କରୁଛନ୍ତି।

ବାଲେଶ୍ୱର, ୨୪।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ):

ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦାବିରେ ମଙ୍ଗଳବାର ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଏସ୍‌ପିଙ୍କଠାରେ ଏତଲା ଦିଆଯାଇଛି। ଜିଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ନେତୃତ୍ୱରେ ମଙ୍ଗଳବାର କଂଗ୍ରେସ କର୍ମୀମାନେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ଏତଲା ଦେଇଥିଲେ। ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ଗାୟତ୍ରୀ ପ୍ରଧାନ ଏହି ଏତଲାକୁ ଗ୍ରହଣ କରିଥିଲେ। ଜିଲା କଂଗ୍ରେସ ସଭାପତି ଦାସ ସୂଚନା ଦେଇଛନ୍ତି ଯେ, ସଂସଦରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏବଂ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଆପତ୍ତିଜନକ ଅଶାଳୀନ ମନ୍ତବ୍ୟ ଦେଇଛନ୍ତି। ସେହିଭଳି ଏପଷ୍ଟିନ ଫାଇଲରେ କେନ୍ଦ୍ରମନ୍ତ୍ରୀ ହରଦିପ ସିଂ ପୁରୀଙ୍କ ସମ୍ପୃକ୍ତି ଥିବା ନେଇ ସର୍ବସମ୍ମୁଖରେ ଜଣାପଡ଼ିବା ପରେ ସେ ନିଜ ତରଫରୁ ଇସ୍ତଫା ଦେବାକୁ କଂଗ୍ରେସ ଦାବି କରିଛି ବୋଲି ସଭପତି ଦାସ କହିଛନ୍ତି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ସୁଦର୍ଶନ ଜେନା, ଯୁବନେତା ସରୋଜ ଲେଙ୍କା, ତରୁଣ ଦାସ, ନିଶିତ ବାରିକ, ପ୍ରତିମା ପଣ୍ଡା, ଉର୍ମିଳା ମାଝୀ, ଆଶିଷ ପଟ୍ଟନାୟକ, ତୁଷାରକାନ୍ତି ତପସ୍ୱୀ, ସେକ ଆସଗର ଓ ଦେବଦତ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ।

# ପୁଅର ପ୍ରଥମ ଜନ୍ମଦିନ ପୂର୍ବରୁ ଚାଲିଗଲା ମା'ଙ୍କ ଜୀବନ

ଜଳେଶ୍ୱର, ୨୪।୨(ନବୀନ ସାହୁ): ନିୟତିର ଖେଳ ବଡ଼ ବିଚିତ୍ର। ଯେଉଁ ଘରେ ପୁଅର ପ୍ରଥମ ଜନ୍ମଦିନ ପାଳନ ଲାଗି ହସଖୁସିର ଆସର ଜମିଥାନ୍ତା, ସେଠି କେବଳ କାନ୍ଦବୋବାଳି। ପୁଅକୁ କ୍ଷୀର ଖୁଆଉଥିବା ଅବସ୍ଥାରେ ଆଖି ବୁଜିଲେ ମା'। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ଜଳେଶ୍ୱର ବ୍ଲକ କଲ୍ୟାଣପୁର ଗ୍ରାମରେ।

ଗ୍ରାମର ଉତ୍ତମ ଜେନା ୨ବର୍ଷ ତଳେ ଓମିଚଣ୍ଡି ଗ୍ରାମର କାହ୍ନୁଚରଣ ଦେ'ଙ୍କ ଝିଅ ଶୁଭଶ୍ରୀ(୨୩)ଙ୍କୁ ବିବାହ କରିଥିଲେ। ସେମାନଙ୍କର ବର୍ଷକର ପୁଅ ଧର୍ମେଶର ଜନ୍ମଦିନ ପୂର୍ବରୁ ଷଠୀଘର ଉତ୍ସବ ପାଇଁ ଘରେ ଚାଲିଥିଲା ବ୍ୟାପକ ପ୍ରସ୍ତୁତି। ଟେଣ୍ଟ


ଶୁଭଶ୍ରୀ।

ବନ୍ଧା ସରିଥିଲା ଏବଂ ବନ୍ଧୁବାନ୍ଧବ ମଧ୍ୟ ଘରେ ପହଞ୍ଚି ସାରିଥିଲେ। ହସଖୁସି ଭିତରେ ମାଡ଼ି ଆସିଲା କଳାବାଦଲ। ଗତ ୪-୫ ଦିନ ହେବ ଶୁଭଶ୍ରୀ ନିଜ ପୁଅର ଏହି ଶୁଭ କାର୍ଯ୍ୟ ପାଇଁ ବହୁତ ଉତ୍ସାହିତ ଥିଲେ ଏବଂ ନିଜେ ସମସ୍ତ କାମ ତଦାରଖ କରୁଥିଲେ। ମାତ୍ର ସୋମବାର ରାତି ୮ଟାରେ ଯେତେବେଳେ ସେ ପୁଅକୁ କୋଳରେ ଧରି କ୍ଷୀର ଖୁଆଉଥିଲେ, ହଠାତ୍ ସେ ଅସୁସ୍ଥ ହୋଇପଡିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ଜଳେଶ୍ୱରସ୍ଥିତ ଜିକେଭଞ୍ଜର ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖୁସିର ମାହୋଲ ନିମିଷକ ମଧ୍ୟରେ ବିଷାଦରେ ପରିଣତ ହୋଇଗଲା। ଏହି ଅଘଟଣ ପରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି।

# ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ୧୦ହଜାର ଜରିମାନା ନିର୍ଦ୍ଦେଶ

ଭୋଗରାଇ, ୨୪।୨(ପ୍ରଦୀପ ଦାସ): ସାଧାରଣ ଲୋକଙ୍କୁ ଅସୌଜନ୍ୟ ବ୍ୟବହାର ଓ ସୂଚନା ଦେବାକୁ ବିଳମ୍ବ କରିବା ଅଭିଯୋଗରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପୂର୍ବତନ ଜନ ସୂଚନାଧିକାରୀ ବର୍ତ୍ତମାନ କାର୍ଯ୍ୟରତ ସାମାଜିକ ସୁରକ୍ଷା ଅଧିକାରୀ ଗୌରାଙ୍ଗ ସାମଲଙ୍କୁ ଓଡିଶା ସୂଚନା କମିଶନର ୧୦ହଜାର ଟଙ୍କା ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବାସୁଲିପାଟ ଗ୍ରାମର ସୁବାସ ଚନ୍ଦ୍ର ପ୍ରଧାନ ତାଙ୍କ ଗ୍ରାମର ଏକ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ସମ୍ପର୍କରେ ଜାଣିବା ନିମନ୍ତେ ବ୍ଲକ ପୂର୍ବତନ ଜନସୂଚନାଧିକାରୀଙ୍କଠାରେ ଆବେଦନ କରିଥିଲେ। ବ୍ଲକ ଜନ ସୂଚନାଧିକାରୀ ଏଥିନିମନ୍ତେ ଆବେଦନକାରୀଙ୍କୁ ସୂଚନା ଦେବାରେ ବିଳମ୍ବ ଓ ଅସୌଜନ୍ୟ ବ୍ୟବହାର ଅଭିଯୋଗ କରି ଜିଲାପାଳ, ହାଇକୋର୍ଟରେ ଅଭିଯୋଗକାରୀ ରିଟ ପିଟିସନ କରିଥିଲେ। ହାଇକୋର୍ଟ ତାଙ୍କ ରାୟରେ ଓଡିଶା ସୂଚନା ଅଧିକାର କମିଶନଙ୍କୁ ଏ ବିଷୟରେ ଶୀଘ୍ର ଶୁଣାଣିପାଇଁନିର୍ଦ୍ଦେଶ ଦେଇଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ସାମଲ କହିଛନ୍ତି ଯେ, ଏ ବାବଦରେସେଆଇନରଆଶ୍ରୟନେଇଛନ୍ତି।

# ମା' ମାଟିଆମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାହାନଗା, ୨୪।୨(ଅରୂପ କୁମାର ଦାସ):

ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ଉପରଡ଼ିଆରେ ଅଧିଷ୍ଠାତ୍ରୀ ଦେବୀ ମା' ମାଟିଆ ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ଗତ ୧୯ରୁ ୨୩ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥିଲା। ୨୩ଜଣ ବ୍ରାହ୍ମଣଙ୍କ ଦ୍ୱାରା ପୂଜା, ଯଜ୍ଞ ଆଦି କରାଯାଇଥିଲା। ପଞ୍ଚକୁଣ୍ଡୀୟ ଯଜ୍ଞ କରାଯାଇଥିଲା। ପ୍ରଥମ ଦିନ ଅଧିବାସ ଅଙ୍କୁରାରୋପଣ, ଦ୍ୱିତୀୟ ଦିନରେ କଳସ ଶୋଭାଯାତ୍ରା, ମଣ୍ଡପ ପ୍ରବେଶ, ଦେବୀସ୍ନାନ, ତୃତୀୟ ଦିବସରେ ସୂର୍ଯ୍ୟପୂଜା, ପ୍ରତିଷ୍ଠା ବିହିତ ପୂଜା, ଯଜ୍ଞାରମ୍ଭ, ନ୍ୟାସ ଆଦି ପୂଜା ହୋଇଥିଲା। ସୋମବାର ଯଜ୍ଞର ପୂର୍ଣ୍ଣାହୁତି ଦିବସରେ ବ୍ରାହ୍ମଣ ଓ ଉପସ୍ଥିତ ସାଧୁସନ୍ଥମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ମୁଖ୍ୟ ପଣ୍ଡିତ ନିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଆଚାର୍ଯ୍ୟ ଭାବେ ଅଗ୍ନିହୋତ୍ରୀ ଭୈରବ ନନ୍ଦ ସରସ୍ୱତୀ ବାବା ମୁଖ୍ୟ ଯଜ୍ଞର ପୂର୍ଣ୍ଣାହୁତି ଦେଇଥିଲେ। କାକଟପୁର ମଙ୍ଗଳା ପୂଜକ କାଳିଆ ମିଶ୍ର, ଦିବାକର ତ୍ରିପାଠୀ, ଗୟାଧର ଶତପଥୀ ପ୍ରମୁଖ ସହଯୋଗରେ ପୂଜା ଯଜ୍ଞ ଆଦି ହୋଇଥିଲା। ପ୍ରଦୀପ ଜେନା, ରଞ୍ଜନ ପଲେଇ, କରୁଣାକର ମହାପାତ୍ର, ସୌମ୍ୟରଞ୍ଜନ ଶତପଥୀ, ଅଜିତ ମହାପାତ୍ର, ଅନିରୁଦ୍ଧ ମହାପାତ୍ର ସହଯୋଗ କରିଥିଲେ।

# ସଂସ୍କୃତ ବିଭାଗର ଆଲୋଚନାଚକ୍ର


ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଔପଦା, ୨୪।୨(ଧରିତ୍ରୀ ପଣ୍ଡା):

ଔପଦା ସ୍ନାତକ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ତରଫରୁ ସମାଜରେ ବୃକ୍ଷର ଆବଶ୍ୟକତା ବିଷୟକୁ ଆଧାର କରି ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଧାପକ ମୋହନଚରଣ ସାହୁ, ପ୍ରାକ୍ତନ ଅଧକ୍ଷ କମଳାକାନ୍ତ ଦାସ ଓ ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟର ବିଷୟ ବିଶେଷଜ୍ଞ ପ୍ରାଧ୍ୟାପକ ଅଜୟ କୁମାର ପରିଡ଼ା ସଭାକୁ ଆରମ୍ଭ କରିଥିଲେ। ସଂସ୍କୃତ ବିଭାଗର ବରିଷ୍ଠ ପ୍ରାଧ୍ୟାପକ ଦ୍ୱାରିକାନାଥ ଶତପଥୀ ବେଦପାଠ ପୂର୍ବକ ମଞ୍ଚ ପରିଚାଳନା କରିଥିଲେ। ଅଧକ୍ଷ ସାହୁ ବୃକ୍ଷ ଆମର ଜୀବନ, ବୃକ୍ଷ ବିନା ଜୀବଜଗତ ଅସମ୍ଭବ ବୋଲି ନିଜ ବକ୍ତବ୍ୟରେ ଉପସ୍ଥାପନା କରିଥିଲେ। ପ୍ରାଧ୍ୟାପକ ହରିହର ପଣ୍ଡା, ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ବିଶ୍ୱାଳ ଓ ପ୍ରଭାସିନୀ ବେହେରା ଏଥିରେ ଅଂଶଗ୍ରହଣ କରି ବୃକ୍ଷର ବିଶେଷତ୍ୱ ପ୍ରତିପାଦନ କରିଥିଲେ। ସବୁ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ ପୂର୍ବକ ନୀଳକଣ୍ଠ ଦାସ, ଶୁଭମ୍ କୁମାର ସାହୁ, ଭାଗ୍ୟଲକ୍ଷ୍ମୀ ମାହୁନ୍ତ, ମାଧୁରୀ ବେହେରା, ଶ୍ରୁତିରେଖା ପଣ୍ଡା, ସାବିତ୍ରୀ ପଣ୍ଡା, ଗିତୁପ୍ରଜ୍ଞା ଗିରି, ସସ୍ମିତା ପାତ୍ର, ରଶ୍ମିତା ରାଉତ, ଯଶୋଦା ମଢେଇ, ବିଷ୍ଣୁପ୍ରିୟା ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ଯଜ୍ଞିନ କବି ଓ ସୁଧାଂଶୁ ବେହେରା ପ୍ରମୁଖ ପ୍ରବନ୍ଧ ପାଠ କରିଥିଲେ। ଭାଗ୍ୟଲକ୍ଷ୍ମୀ ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଡ଼ିଲା କଇଁଛ ସୁରକ୍ଷା ସଚେତନତା ରଥ

## ଟ୍ରଲର ମାଲିକଙ୍କୁ ଟିଇଡି ବଣ୍ଟନ

ବାଲେଶ୍ୱର, ୨୪।୨(ବାଞ୍ଛାନିଧି ଦେ):

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବଳରାମଗଡ଼ି ମତ୍ସ୍ୟ ଅବତରଣ କେନ୍ଦ୍ରଠାରେ ନେଟ ଫିସ୍ ଏମପିଇଡିଏ ଏବଂ ରାଜ୍ୟ ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର କଇଁଛଙ୍କ ସୁରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଛଧରା ଟ୍ରଲରରେ କଇଁଛ ଅପସାରଣ ଯନ୍ତ୍ର (ଟିଇଡ଼ି)ର ବ୍ୟବହାର ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା।



ଜଣେ ଟ୍ରଲର ମାଲିକଙ୍କୁ ଟିଇଡି ପ୍ରଦାନ କରାଯାଉଛି।

ଟ୍ରଲର ଜାଲରେ ଟିଇଡ଼ି ବ୍ୟବହାର କଲେ ବିଲୁପ୍ତପ୍ରାୟ ସମୁଦ୍ର କଇଁଛ ଅକସ୍ମାତ୍ ଧରାପଡ଼ିବାରୁ ରକ୍ଷା ପାଇଥାଏ। ଯାହା ସାମୁଦ୍ରିକ ଜୈବବିବିଧତା ସୁରକ୍ଷା ସହ ଆନ୍ତର୍ଜାତୀୟ ମାଛଧରା ମାନଦଣ୍ଡ ପାଳନରେ ସହାୟକ ହୋଇଥାଏ। ଏହି ଅବସରରେ ଚୟନ କରାଯାଇଥିବା ଟ୍ରଲର ମାଲିକଙ୍କୁ ଟିଇଡ଼ି ବଣ୍ଟନ କରାଯାଇଥିଲା। ଟିଇଡ଼ି ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସଂଯୋଜକ ଶୁଭକାନ୍ତ ମହାପାତ୍ର ପରିଚାଳନା କରିଥିଲେ। ରାଜ୍ୟ ମତ୍ସ୍ୟ ବିଭାଗ ପକ୍ଷରୁ ସହକାରୀ ନିର୍ଦ୍ଦେଶକ ସୁବ୍ରତ ପଟ୍ଟନାୟକ, ସହକାରୀ ମତ୍ସ୍ୟ ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ ଓ ସୌମିତ୍ର ଦାସ ଟିଇଡ଼ି ବ୍ୟବହାରର ଉପକାରିତ ସମ୍ବନ୍ଧରେ ଟ୍ରଲର ମାଲିକମାନଙ୍କୁ ବୁଝାଇଥିଲେ। ମତ୍ସ୍ୟଜୀବୀମାନେ ଗଭୀର ସମୁଦ୍ରରେ ବର୍ଗାକାର ଜାଲ ଓ ଟିଇଡ଼ି ବ୍ୟବହାର କଲେ କେବଳ ବଡ଼ ମାଛ ଧରାପଡ଼ିବେ ଏବଂ ଛୋଟମାଛ ସହିତ ଜାଆଁଳ ଜାଲରେ ପଡ଼ି ନଷ୍ଟ ହେବା ସମ୍ଭାବନା କ୍ଷୀଣ ଅଟେ। ଅପରପକ୍ଷରେ ମତ୍ସ୍ୟଜୀବୀମାନେ ଟିଇଡ଼ି ବ୍ୟବହାର କଲେ ବିରଳ କଇଁଛଗୁଡ଼ିକ ଜାଲରେ ପଡ଼ି ମଧ୍ୟ ସୁରକ୍ଷିତ ଭାବେ ବାହାରିଯିବେ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ବଳରାମଗଡ଼ି ମତ୍ସ୍ୟଜୀବୀ ସଂଘ ସଭାପତି ନରେନ୍ଦ୍ର ବିହାରୀ ଦାସ, ସମ୍ପାଦକ ତ୍ରିଲୋଚନ ବସ୍ତିଆ, ବଳରାମଗଡ଼ି ଏଚ୍‌ଡ଼ିସି ପ୍ରମୋଦ କୁମାର ସାହୁ, ପାରାଦୀପ ଏଚ୍‌ଡ଼ିସି ଜଗନ୍ନାଥ ସ୍ୱାଇଁ ଏବଂ ବଳରାମଗଡ଼ିର ସମସ୍ତ ସାଗରମିତ୍ର ଉପସ୍ଥିତ ଥିଲେ।

# ପିଲାଚୋର ସନ୍ଦେହରେ ଗଡୁଛି ମୁଣ୍ଡ

■ ମୟୂରଭଞ୍ଜ ଜିଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ
■ ଜିଲାବାସୀଙ୍କ ସହଯୋଗ ଲୋଡ଼ିଲା ପୋଲିସ

ବାରିପଦା,୨୪।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ପିଲା ଚୋରି ସନ୍ଦେହ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ନେଇ ଗ୍ରାମାଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏପରିକି ଲୋକେ ସନ୍ଦିଗ୍ଧଙ୍କୁ ଦେଖି ନିସ୍ତୁକ ମାଡ଼ ମାରୁଛନ୍ତି। ଏପରି ଘଟଣାରେ ସୋମବାର ପୃଥକ୍ ସ୍ଥାନରେ ତିନୋଟି ଘଟଣା ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଛି। ଜିଲାରେ ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ନିରୀହ ଲୋକଙ୍କ ମୁଣ୍ଡ ଗଡୁଛି। ଏପରି ଘଟଣା ନିୟନ୍ତ୍ରଣକୁ ଆଣିବା ପାଇଁ ଜିଲା ପୋଲିସ ଗଣମାଧ୍ୟମ ଜରିଆରେ ଜିଲାବାସୀଙ୍କ ସହଯୋଗ ଲୋଡ଼ିଛି। ମଙ୍ଗଳବାର ସନ୍ଧ୍ୟାରେ ଜିଲା ମୁଖ୍ୟାଳୟଠାରେ ଆହୂତ ଖବରଦାତା ସମ୍ମିଳନୀରେ ଏସ୍‌ପି ବରୁଣ ଗୁଣ୍ଡୁପାଲୀ ଉପସ୍ଥିତ ରହି ଆଇନକୁ କେହି ହାତକୁ ନ ନେବା ପାଇଁ ପରାମର୍ଶ ଦେଇଛନ୍ତି। ସନ୍ଦିଗ୍ଧ ଲୋକ ଦେଖିଲେ ତୁରନ୍ତ ପୋଲିସକୁ ଖବରଦେବାକୁ ସେ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଜିଲାର ବିଭିନ୍ନ ଅଞ୍ଚଳରେ ମାନସିକ ବିକୃତ ଘୂରି ବୁଲୁଛନ୍ତି। ସେମାନଙ୍କ ପରିଚୟ ମିଳିପାରୁନାହିଁ। କେହି କେହି ମାନସିକ ବିକୃତ ହିନ୍ଦୀ ଓ ଅନ୍ୟାନ୍ୟ ଭାଷାରେ କଥା ହେଉଥିବାରୁ ଗାଁ ଲୋକେ ସେମାନଙ୍କୁ ପିଲା ଚୋର ଭାବି ନେଉଛନ୍ତି। ଏହାଦ୍ୱାରା ଲୋକେ ଉତ୍ତ୍ୟକ୍ତ ହୋଇ ଆଇନକୁ ହାତକୁ ନେବାପାଇଁ ପଛାଉନାହାନ୍ତି। ଗତ ୧୭ତାରିଖରେ ବାରିପଦା ସହରର ଭଞ୍ଜପୁର ଥାନା ଅଞ୍ଚଳରେ ପ୍ରଥମେ ଏପରି ଏକ ଘଟଣା ଦେଖିବାକୁ ମିଳିଥିଲା। ସିସିଟିଭି ଫୁଟେଜକୁ ନେଇ ପୋଲିସ ତଦନ୍ତ କରିଥିଲେ ହେଁ ଘଟଣାକୁ ନେଇ ଜିଲାରେ ପିଲାଚୋର ଭୟ ଖେଳିଯାଇଛି। ସେହିପରି ସୋମବାର ମୋରଡ଼ା ଥାନା ଅଧୀନ ଡେଙ୍ଗାଶୋଳ ଗ୍ରାମରେ ୪ ଯୁବକ ପିଲା ଚୋରି କରିବା ପାଇଁ ଉଦ୍ୟମ କରୁଥିବା ଗ୍ରାମବାସୀ ଦେଖିଥିଲେ। ସେମାନଙ୍କୁ ଧରିବା ପାଇଁ ସ୍ଥାନୀୟ ଲୋକେ ଚେଷ୍ଟା କରିଥିଲେ ହେଁ ସେଠାରୁ ୩ଜଣ ଫେରାର ହୋଇଯାଇଥିଲେ। ଜଣଙ୍କୁ ଧରି ଲୋକେ ନିସ୍ତୁକ ମାଡ଼ ମାରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେହି ଅଚିହ୍ନା ଯୁବକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଶାମାଖୁଣ୍ଟା ବ୍ଲକ୍ ତଥା ବାରିପଦା ସଦର ଥାନା ଅଧୀନ ଧନପୁର ଗ୍ରାମରେ ପିଲାଚୋରି ସନ୍ଦେହକୁ ନେଇ ସୋମବାର ବିଳମ୍ବିତ ରାତିରେ ଦମ୍ପତିଙ୍କୁ ସ୍ଥାନୀୟ ଲୋକେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲା। ସେହିପରି ବାଙ୍ଗିରିପୋଷି ଥାନା ଅଧୀନ ଗଲାମୁଣ୍ଡାକଟା ପଞ୍ଚାୟତ ନୂଆବସାଣ ଗ୍ରାମରେ ଜଣେ ବୃଦ୍ଧଙ୍କୁ ଗ୍ରାମବାସୀ ପିଲାଚୋର କହି ନିସ୍ତୁକ ମାଡ଼ ମାରିଥିଲେ। ବୃଦ୍ଧଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏବେ ସେ ବାରିପଦାର ଏକ ବୃଦ୍ଧାଶ୍ରମରେ ଅଛନ୍ତି। ସେହିପରି ରବିବାର ସମାନ ଘଟଣାରେ ବସନ୍ତପୁର ଅଞ୍ଚଳରେ ଜଣେ ଯୁବକ ବିଦ୍ୟୁତ୍ ସାମଗ୍ରୀ ବିକ୍ରି କରିବାକୁ ଯାଇଥିବା ବେଳେ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ପୋଲିସ ଖବରପାଇ ତାଙ୍କୁ ଉଦ୍ଧାରକରିବା ସହ ଏକ ସୁରକ୍ଷିତ ସ୍ଥାନରେ ଛାଡ଼ିଥିଲା। ଅନୁରୂପ ଶ୍ୟାମସୁନ୍ଦର ଗ୍ରାମରେ ମଧ୍ୟ ଗ୍ରାମବାସୀ ପିଲାଚୋର ସନ୍ଦେହରେ ଜଣେ ବ୍ୟକ୍ତିଙ୍କୁ ନିସ୍ତୁକ ମାଡ଼ ମାରିଥିବା ଜଣାପଡ଼ିଛି ।

ଉଲ୍ଲେଖଯୋଗ୍ୟ, ୨୦୧୮ରେ ବ୍ରାହ୍ମଣଗାଁ ପଞ୍ଚାୟତ ଦୋମୁହାଁଣୀ ଗ୍ରାମରେ ଜଣେ ମହିଳାଙ୍କୁ ପିଲାଚୋର ସହିତ ଡାହାଣୀ ସନ୍ଦେହରେ ପିଟିପିଟି ମାରିଦେବା ଅଭିଯୋଗରେ ପୋଲିସ ୧୧ଜଣଙ୍କୁ ଗିରଫ କରିଥିଲା। ସେହିପରି ମୟୂରଭଞ୍ଜ ଏସ୍‌ପିଙ୍କ କାର୍ଯ୍ୟାଳୟଠାରୁ ଅନତି ଦୂର ବେଲଗଡ଼ିଆ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ପିଲାଚୋର ସନ୍ଦେହରେ ଲୋକେ ଜଣେ ବ୍ୟକ୍ତିଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ସେହିପରି ସୋମବାର ରାତିରେ ଖୁଣ୍ଟା ଥାନା ଅଧୀନ ଖୁଣ୍ଟା ଥାନା ଅଧୀନ ଗଡ଼ିଗାଁ ଦେଉଳା ଗ୍ରାମର ଜଣେ ଯୁବକ ଏକ ହତ୍ୟା ମାମଲାରେ କୋର୍ଟରେ ସାକ୍ଷିଦେବାରୁ ଅଭିଯୁକ୍ତଙ୍କ ସମ୍ପର୍କୀୟମାନେ ତାଙ୍କୁ ପିଟି ମାରିଦେବା ଭଳି ଘଟଣା ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସେହିପରି ବଡ଼ସାହି ଥାନା ଅଧୀନ ଦେଉଳିଆ ଗ୍ରାମରେ ଭାଜପା ନେତା ପ୍ରଭାତ କୁମାର ଜେନା ସଂଘବଦ୍ଧ ଆକ୍ରମଣର ଶିକାର ହୋଇ ପିଆର୍‌ଏମ୍ ମେଡ଼ିକାଲରେ ଚିକିତ୍ସାଧୀନ ଅଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଏପରି ଘଟଣା ଘଟିଥିଲେ ହେଁ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଗୋଟିଏ ଦିନରେ ତିନୋଟି ସ୍ଥାନରେ ଏଭଳି ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପିଲାଚୋର ଗୁଜବ ଏବେ ଜିଲାରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ବାରିପଦାରୁ ଉଡ଼ିବ ହେଲି-ଟ୍ୟାକ୍ସି



### ପୋଲିସ ଗ୍ରାଉଣ୍ଡରେ ଆରମ୍ଭ ହେଲା ଟ୍ରାଏଲ ରନ୍

ବାରିପଦା,୨୪।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାରୁ ରାଜଧାନୀ ଭୁବନେଶ୍ୱରକୁ 'ହେଲି-ଟ୍ୟାକ୍ସି' ସେବା ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାରିପଦା ସହରସ୍ଥିତ ପୋଲିସ ଗ୍ରାଉଣ୍ଡ ହେଲିପ୍ୟାଡ୍ ଠାରେ ହେଲିକପ୍ଟରର ପରୀକ୍ଷାମୂଳକ ଅବତରଣ ବା 'ଟ୍ରାଏଲ ଲ୍ୟାଣ୍ଡିଂ' ହୋଇଯାଇଛି। ଏନେଇ ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ପିଏଚ୍‌ଏଲ୍ କମ୍ପାନୀର ପବନହଂସ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ପରେ ଏହି ପଦକ୍ଷେପ ନିଆଯାଇଛି।

ପବନହଂସର (ବିଇଏଲ ୨୦୬ ଭିଟି-ପିଏଚଇ') ନାମକ ଏକ ସିଙ୍ଗଲ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟର ଏହି ସେବା ପାଇଁ ବ୍ୟବହାର କରାଯିବା ନେଇ ପ୍ରଶାସନ ସୂଚନା ଦେଇଛି। ସଫଳ ଟ୍ରାୟଲ ଲ୍ୟାଣ୍ଡିଂ ସମୟରେ ଜିଲା ପ୍ରଶାସନ, ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ପ୍ରଶାସନ ସହ ଅଗ୍ନିଶମ ବିଭାଗର ଅଧିକାରୀମାନେ ଉପସ୍ଥିତଥିଲେ। ହେଲିକପ୍ଟରଟି ହେଲିପ୍ୟାଡ୍‌ରେ ଏଭିଏସନ ଟର୍ବାଇନ ଫୁଏଲ (ଏଟିଏଫ) ଭରିବା ସହ ଏଥିରେ ଆସିଥିବା ଅଧିକାରୀମାନେ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା ପରେ ଫେରିଯାଇଛନ୍ତି। ମାର୍ଚ୍ଚ ଦ୍ୱିତୀୟ ସପ୍ତାହ ଆଡକୁ ଏହି ସେବା ଆରମ୍ଭ ହୋଇପାରେ ବୋଲି ମୟୂରଭଞ୍ଜ ଜିଲା ପର୍ଯ୍ୟଟନ ଅଧିକାରୀ ହିମାଂଶୁ ମହାନ୍ତି ସୂଚନା ଦେଇଛନ୍ତି। ଏହି ହେଲି-ଟ୍ୟାକ୍ସି ସେବା ଚାଲୁହେଲେ ଭୁବନେଶ୍ୱର ଓ ବାରିପଦା ମଧ୍ୟରେ ଯାତାୟାତ ଅତି ସହଜ ଓ କମ ସମୟ ମଧ୍ୟରେ ହୋଇପାରିବ। ଏହା ଜିଲାର ପର୍ଯ୍ୟଟନ ଓ ଜରୁରୀକାଳୀନ ପରିବହନ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିବାକୁ ଥିବାରୁ ଜିଲାବାସୀ ଖୁସି ବ୍ୟକ୍ତ କରିଛନ୍ତି।

## ଶିମିଳିପାଳରେ ବର୍ଷା ଆଣିଲା ଆଶ୍ୱସ୍ତି

■ ଦୂର ହେଲା ବନାଗ୍ନି ଭୟ
■ ସର୍ବନିମ୍ନ ତାପାମାତ୍ରା ୧୩ଡିଗ୍ରୀ

ବାରିପଦା,୨୪।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନକୁ ବନାଗ୍ନିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ସୋମବାର ରାତିରେ ଆକାଶରୁ ଅମୃତ ବିନ୍ଦୁ ଝରିବାରୁ ଶିମିଳିପାଳ ଅଭୟାରଣ୍ୟ ସୁରକ୍ଷିତ ହୋଇପଡ଼ିଛି। ରାମତୀର୍ଥରେ ସର୍ବାଧିକ ୪୧.୧୪୮ମିମି ବର୍ଷା ହୋଇଥିବା ବେଳେ ବାରିପଦାରେ ସର୍ବନିମ୍ନ ୩.୮୧ମିମି ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ତାପମାତ୍ରା ମଧ୍ୟ ସାମାନ୍ୟ ହ୍ରାସ ପାଇ ଚହଲା ଓ ଗୁଡୁଗୁଡ଼ିଆରେ ସର୍ବନିମ୍ନ ତାପମାତ୍ରା ୧୩ଡିଗ୍ରୀକୁ ଖସିଆସିଥିବା ନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବାରିପଦା ସର୍କଲର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ସୂଚନାଯୋଗ୍ୟ, ୫ମାସ ବ୍ୟବଧାନରେ ଚଳିତ ବର୍ଷ ପ୍ରଥମ ଥର ଶିମିଳିପାଳ ଅଭୟାରଣ୍ୟ ସମେତ ଜିଲାରେ ବର୍ଷାହୋଇଛି। ଶୁଖିଲା ପତ୍ରକୁ ନେଇ ବନାଗ୍ନିର ଭୟ ରହୁଥିବା ବେଳେ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଫାୟାର ଲାଇନ ପ୍ରସ୍ତୁତ କରିବା ସହ ବ୍ୟାପକ ସଚେତନତା ଓ ବନ କର୍ମଚାରୀଙ୍କୁ ସାମିଲ କରାଯାଇଛି। ତେବେ ୨୪ ଘଣ୍ଟା ମଧ୍ୟରେ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଶିମିଳିପାଳର ନଅାଁଣା ରେଞ୍ଜରେ ୧୮.୨ମିମି, ବୁଢ଼ାବଳଙ୍ଗ ରେଞ୍ଜରେ ୮.୪ମିମି, ଚହଲାରେ ୭.୨ମିମି, ବରେହିପାଣିରେ ୧୩.୯୭ମିମି, କବାଟଘାଇରେ ୮.୮୯ମିମି, ପିଠାବଟାରେ ୪.୩୧୮ମିମି, ବଡ଼ଗାଁରେ ୪୧.୧୪୮, ଡୁକୁରାରେ ୨.୭୯୪ ମିମି, ରାମତୀର୍ଥରେ ସର୍ବାଧିକ ୪୧.୯୧ ମିମି ଓ ବାରିପଦା ରେଞ୍ଜରେ ସର୍ବନିମ୍ନ ୩.୮୧ମିମି ବର୍ଷା ରେକର୍ଡ କରାଯାଇଛି। ଏହା ଦ୍ୱାରା ତାପମାତ୍ରାରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ ହୋଇଛି। ଉପରବାର୍‌ହାକାମୁଡ଼ା ଓ ଚହଲାରେ ସର୍ବନିମ୍ନ ତାପମାତ୍ରା ୧୩ଡିଗ୍ରୀ ରହିଥିବା ବେଳେ ଗୁଡୁଗୁଡିଆ ଓ ବରେହିପାଣିରେ ୧୫ ଡିଗ୍ରୀ, ରାମତୀର୍ଥ ଓ କିଆଝରୀରେ ୧୯ଡିଗ୍ରୀ ଏବଂ ସାତକୋଶିଆରେ ୨୧ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ମଙ୍ଗଳବାର ଦିନ ତମାମ ମେଘୁଆ ପାଗ ରହିଥିବା ବେଳେ ପ୍ରକୃତିର ଅବଦାନ ଯୋଗୁ ବାନଗ୍ନି ପ୍ରଶମିତ ହୋଇପାରିବ ବୋଲି ପରିବେଶବିତ୍‌ମାନେ ଖୁସି ପ୍ରକଟ କରିଛନ୍ତି।

## ୩ ରେଳ ପ୍ରକଳ୍ପର ସମୀକ୍ଷାକଲେ ଏମ୍‌ପି



ସମୀକ୍ଷା ବୈଠକରେ ଏମ୍‌ପି ନବ ଚରଣ ମାଝୀ ଓ ଅନ୍ୟମାନେ।

ବାରିପଦା,୨୪।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ବହୁ ଆକାଂକ୍ଷିତ ୩ଟି ରେଳ ପ୍ରକଳ୍ପର କାର୍ଯ୍ୟାନ୍ୱୟନକୁ ନେଇ ଏମ୍‌ପି ନବ ଚରଣ ମାଝୀ ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଢ଼ାମରା-ଚାକୁଳିଆ ଓ ବାଦମପାହାଡ଼-କେନ୍ଦୁଝର ଆଦି ରେଳପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏମ୍‌ପି ବିସ୍ତୃତ ଆଲୋଚନା କରିଥିଲେ।

ସୂଚନାଯୋଗ୍ୟ, ୨୦୨୫ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବୈଠକରେ ଜିଲାପାଳ ହେମକାନ୍ତ ସୟଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ବୁଢ଼ାମରା-ଚାକୁଳିଆ ପ୍ରକଳ୍ପର ମୟୂରଭଞ୍ଜ ଜିଲା ଅନ୍ତର୍ଗତ ୧୬.୨୦କିଲୋମିଟର ରାସ୍ତାର ସର୍ଭେ ସମାପ୍ତ ହୋଇସାରିଥିବା ବେଳେ ଖୁବଶୀଘ୍ର ଜମି ଅଧିଗ୍ରହଣ କରାଯିବ। ଏଥିପାଇଁ ଭୂମି ଅଧିଗ୍ରହଣ ବିଭାଗ ପାଖକୁ ଅନୁଦାନ ରାଶି ମଧ୍ୟ ପହଞ୍ଚି ସାରିଛି। ଦ୍ୱିତୀୟ ପ୍ରକଳ୍ପ ବାଦାମପାହାଡ-କେନ୍ଦୁଝର ଦୂରତ୍ୱ ହେଉଛି ୪୭.୪୬କିଲୋମିଟର। ଏହି ପ୍ରକଳ୍ପର ସର୍ଭେ ରିପୋର୍ଟ ଅନୁଯାୟୀ ସରକାରୀ, ବେସରକାରୀ ଓ ଜଙ୍ଗଲ ଜମି ଗୁଡିକ ଚିହ୍ନଟ ପ୍ରକ୍ରିୟା ସରିଛି । ଏଥିରେ ଯାହା ସମାସ୍ୟା ରହିଛି ଚଳିତ ସପ୍ତାହ ମଧ୍ୟରେ ତାର ସମାଧାନ ହୋଇଯିବ ଏବଂ ଏହାପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରାଯିବ। ସେହିପରି ତୃତୀୟ ପ୍ରକଳ୍ପ ବାଙ୍ଗିରିପୋଷି-ଗୋରୁମହିଷାଣି ରେଳପଥ ପାଇଁ ଗୋରୁମହିଷାଣି, ବିଜାତଳା, ବିଶୋଇ ବ୍ଲକର ଏରିଆ ପର୍ଯ୍ୟନ୍ତ ସର୍ଭେ ସମାପ୍ତ ସରିଛି । ଏହି ପ୍ରକଳ୍ପଟି ଶିମିଳିପାଳ ଅଞ୍ଚଳ ଦେଇ ଯାଉଥିବାରୁ ଏଥିରେ ଜମି ଅଧିଗ୍ରହଣ ଏନ୍‌ଟିସିଏ ପକ୍ଷରୁ ଅନୁମତି ପାଇବାରେ ବିଳମ୍ବ ହେଉଛି। ଖୁବ୍‌ଶୀଘ୍ର ଏହାର ମଧ୍ୟ ସମାଧାନ ସରିବ ଏବଂ ୩ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ଏମ୍‌ପି ମାଝୀ କହିଛନ୍ତି।

## ରାସ୍ତା କାମକୁ ନେଇ ଗୋଷ୍ଠୀ ସଂଘର୍ଷ, ୪ ଆହତ

ବୈଶିଙ୍ଗା,୨୪।୨(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମରେ ଏକ ସରକାରୀ ରାସ୍ତା କାମକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟି ୪ଜଣ ଆହତ ହୋଇଛନ୍ତି। ଏହି ଗ୍ରାମରେ ଥିବା ଏକ ନଳକୂପ ନିକଟରେ ଥିବା ରାସ୍ତା ଉପରେ ସବୁବେଳେ ପାଣି ଜମି ରହୁଥିବାରୁ ପଞ୍ଚାୟତ ପକ୍ଷରୁ ସେଠାରେ ହ୍ୟୁମ ପାଇପ ବିଛାଇ ରାସ୍ତା ମରାମତି କାର୍ଯ୍ୟ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା। ସମିତି ସଭ୍ୟା ସରସ୍ୱତୀ ଦାସଙ୍କ ତତ୍ତ୍ୱାବଧାନରେ ସେଠାରେ କାମ ଚାଲିଥିବା ବେଳେ ଅଭିମନ୍ୟୁ ଦଳେଇ ଓ ଅନ୍ୟ କେତେଜଣ ଆସି ବିରୋଧ କରିବା ପରେ ପାଟିତୁଣ୍ଡ ହୋଇଥିଲା। ସମିତି ସଭ୍ୟା, ତାଙ୍କ ସ୍ୱାମୀ କୁଶ ସିଂ, ଦିଅର ଟୁକୁନୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିମନ୍ୟୁଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୮୬/୨୬) ରୁଜୁ ହୋଇଛି।

ଅନ୍ୟ ପକ୍ଷରେ ସରସ୍ୱତୀଙ୍କ ସାମୀ କୁଶ ପାଲଟା ଅଭିଯୋଗ କରିଛନ୍ତି ଯେ, ସେ ସରପଞ୍ଚଙ୍କ ଅନୁମୋଦନ କ୍ରମେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ସନିଆ ଦଳେଇ, ଶଶିକାନ୍ତ ଦଳେଇ, ଗୋପୀନାଥ ମାଝୀ ପହଞ୍ଚି କାମକୁ ବିରୋଧ କରି ସେମାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। କୁଶଙ୍କ ଏତଲା କ୍ରମେ ପୋଲିସ ଅନ୍ୟ ଏକ ମାମଲା(ନଂ. ୮୮/୨୬) ରୁଜୁ କରି ତଦନ୍ତ ଜାରି ରଖିଛି।

## ନାବାଳିକା ଅନ୍ତଃସତ୍ତ୍ୱା ମାମଲା, ୪ ଗିରଫ

ବାଙ୍ଗିରିପୋଷି,୨୪।୨
(ସଞ୍ଜୟ କୁମାର ଅଗ୍ରୱାଲ)



ଗିରଫ ୪ ଅଭିଯୁକ୍ତ।

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଜଣେ ୧୪ ବର୍ଷୀୟା ନାବାଳିକା ୮ମାସର ଅନ୍ତଃସତ୍ତ୍ୱା ହେବା ଘଟଣାରେ ପୋଲିସ ୪ ଯୁବକଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ନାବାଳିକା ଜଣକ ଆଖପାଖ ଗ୍ରାମର ୪ ଯୁବକଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରିବାର ଲୋକ ନାବାଳିକା ଜଣକ ଅନ୍ତଃସତ୍ତ୍ୱା ଥିବା ଜାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସୋରିଷପାଳ ଗ୍ରାମର ଲବ ହାଁସଦା, ବୁରୁଡି ଗ୍ରାମର ସାଲଖାନ ଟୁଡୁ, କଦମଡିହା ଗ୍ରାମର ସୁରେଇ ହାଁସଦା ଓ ମଝିଗା ଗ୍ରାମର ଡମାନ ହେମ୍ବ୍ରମ।

## ଅବକାରୀ ଚଢ଼ାଉ, ୨ ଗିରଫ

କରଞ୍ଜିଆ,୨୪।୨(କବିତା ମହାନ୍ତ)

କରଞ୍ଜିଆର ପ୍ରସିଦ୍ଧ ଦୋଳଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ କରିବା ଲକ୍ଷ୍ୟରେ କରଞ୍ଜିଆ ଅବକାରୀ ଥାନା କର୍ମଚାରୀ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୪୫୦ ଲିଟର ଦେଶୀ ମଦ ଜବତ କରିବା ସହିତ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ଅବକାରୀ ବିଭାଗର ଜୟନ୍ତୀ ଆଚାର୍ଯ୍ୟ, ଏସଆଇ ରଶ୍ମିରଞ୍ଜନ ନାୟକ, ଏଏସଆଇ. ଫୁଲମଣୀ ନାୟକଙ୍କ ସହିତ ଶୁକ୍ଲିଙ୍ଗ୍‌ର କର୍ମଚାରୀମାନେ ଏହି ଚଢ଼ାଉ କରିଛନ୍ତି। କରଞ୍ଜିଆ ବ୍ଲକର ଖଡ଼ିକୁଦାର ସାହି, ମିରିଗିନାଣ୍ଡି, ବନକଟୀ, ଛେଲିଆପୋଷି ଗ୍ରାମର ନଦୀ କୂଳରେ ବେପାରୀମାନେ ମଦ ପ୍ରସ୍ତୁତ କରୁଥିଲେ। ଅବକାରୀ ବିଭାଗ ଅତର୍କିତ ଚଢ଼ାଉ କରି ୮ ହଜାର ଲିଟର ମହୁଲ ପୋଚ ନଷ୍ଟ କରିବା ସହିତ ୪୫୦ ଲିଟର ଦେଶୀ ମଦ ଜବତ କରିଛି।

## ମଧ୍ୟାହ୍ନଭୋଜନ ରାନ୍ଧିଲେ ଗ୍ରାମବାସୀ

ମୋରଡ଼ା,୨୪।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ସରାଶୋଳ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବ୍ୟବସ୍ଥା ଦେଖାଦେଇଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଉକ୍ତ ବିଦ୍ୟାଳୟରେ ଶିଶୁ ବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୯ ଜଣ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ରାକେଶ ବେହେରା ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛନ୍ତି। ମଙ୍ଗଳବାର ବିଦ୍ୟାଳୟର ରୋଷେୟା ପ୍ରଧାନ ଶିକ୍ଷକ ବେହେରାଙ୍କୁ ନ ଜଣାଇ ବିଦ୍ୟାଳୟକୁ ଆସି ନ ଥିଲେ। ଫଳରେ ଗ୍ରାମର କେତେଜଣ ଯୁବକ ହାଣ୍ଡି, କଡ଼େଇ ସଫେଇ କରି ମଧ୍ୟାହ୍ନଭୋଜନ ରୋଷେଇ କରି ଛାତ୍ରୀଛାତ୍ରଙ୍କୁ ଖାଇବାକୁ ଦେଇଥିବା ଦେଖିବାକୁ ମିଳିଥିଲା। ଏନେଇ ପ୍ରଧାନ ଶିକ୍ଷକ ବେହେରାଙ୍କୁ ପଚାରିବାରୁ ରୋଷେୟା ତାଙ୍କୁ ନ ଜଣାଇ ଛୁଟିରେ ଅଛନ୍ତି ଏବଂ ଏବାବଦରେ ସେ ସିଆର୍‌ସିସି ମଞ୍ଜିତ ତରେଇଙ୍କୁ ଜଣାଇଛନ୍ତି। ସିଆର୍‌ସିସି ତରେଇଙ୍କୁ ପଚାରିବାରୁ ଘଟଣା ବାବଦରେ ସେ ଏବିଇଓ ପାଲୁ ହାଁସଦାଙ୍କୁ ଜଣାଇଛନ୍ତି ବୋଲି କହିଛନ୍ତି।

## ରାଜସ୍ୱ ଗ୍ରାମ ମାନ୍ୟତା ଦାବିରେ ବିକ୍ଷୋଭ




ବିକ୍ଷୋଭ ପ୍ରଦର୍ଶନ କରୁଥିବା ଗ୍ରାମବାସୀ।

ବାରିପଦା,୨୪।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ କଳମଗୋଡ଼ିଆ ଗ୍ରାମ ପଞ୍ଚାୟତର ସୁଡ଼ଙ୍ଗା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ନେଇ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ, ସୁଡ଼ଙ୍ଗା ଗ୍ରାମରେ ୨୫୦ରୁ ଅଧିକ ପରିବାର ଏବଂ ପ୍ରାୟ ୭୦୦ରୁ ଅଧିକ ଜନସଂଖ୍ୟା ଥିଲେ ମଧ୍ୟ ସ୍ୱାଧୀନତାର ୭ ଦଶନ୍ଧି ପରେ ବି ଏହା ଉପଯୁକ୍ତ ବିକାଶରୁ ବଞ୍ଚିତ ହୋଇ ରହିଛି। ଗ୍ରାମଟି ଏକ ହାମଲେଟ ବା ପଡ଼ା ଗ୍ରାମ ଭାବେ ରହିଥିବାରୁ ଏଠାରେ ସରକାରୀ ଯୋଜନାଗୁଡ଼ିକ ଠିକ୍ ଭାବେ ପହଞ୍ଚି ପାରୁନାହିଁ। ରାଜସ୍ୱ ଗ୍ରାମର ମାନ୍ୟତା ନ ଥିବାରୁ ଭିବ-ଜି ରାମଜି ଏବଂ ଅନ୍ୟାନ୍ୟ ପ୍ରମୁଖ ସରକାରୀ ଯୋଜନା ଗ୍ରାମରେ କାର୍ଯ୍ୟକାରୀ ହୋଇପାରୁନାହିଁ। ସେହିପରି ଗ୍ରାମରେ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ଓ ପାନୀୟ ଜଳ ସୁବିଧା ନ ଥିବା ବେଳେ ଗ୍ରାମର ଲୋକମାନେ ବିଦ୍ୟୁତ ଆଲୋକ ଦେଖିପାରି ନାହାଁନ୍ତି। ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ଅନେକୁ ପାରମ୍ପରିକ ଜଙ୍ଗଲ ବାସିନ୍ଦା ଏପର୍ଯ୍ୟନ୍ତ ଜମି ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି । ଗତବର୍ଷ ମାର୍ଚ୍ଚ ମାସରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପଡ଼ା ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ନେଇ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁଡ଼ଙ୍ଗା ଗ୍ରାମକୁ ତୁରନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କଲେ ଗ୍ରାମର ସର୍ବାଙ୍ଗୀନ ବିକାଶ ହୋଇପାରନ୍ତା ବୋଲି ଗ୍ରାମର ଗାମଲ ରିମିଲସିଂ ଗୋଇପାଇ, ଗୁନୁରାମ ସିଂ ଏବଂ ବିପ୍ଳବ ସିଂ ପ୍ରମୁଖ କହିଛନ୍ତି।

## ଥାନା ଗେଟ୍ ବନ୍ଦକରି ରାସ୍ତାରୋକୋ କଲେ ମହିଳା

### ପିଲାଚୋରି ସନ୍ଦେହରେ ଯୁବକଙ୍କୁ ପିଟି ମାରିବା ଘଟଣା

ମୋରଡ଼ା,୨୪।୨(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ପିଲା ଚୋରି ସନ୍ଦେହରେ ଲୋକେ ଜଣେ ଅଚିହ୍ନା ଯୁବକଙ୍କୁ ପିଟି ମାରିଦେବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାରେ ପୋଲିସ ରାତି ଅଧିଆ ୧୦ଜଣଙ୍କୁ ଉଠାଇ ନେବା ପ୍ରତିବାଦରେ ଉତ୍ତ୍ୟକ୍ତ ମହିଳାମାନେ ମଙ୍ଗଳବାର ମୋରଡ଼ା ଥାନା ଗେଟ୍ ବନ୍ଦ କରିବା ସହିତ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ଅଚିହ୍ନା ଯୁବକଙ୍କୁ ପିଟି ମାରିବା ଘଟଣାରେ ପୋଲିସ ଏକ ମାମଲା(ନଂ.୭୬/୨୬) ରୁଜୁ କରିଥିବା ବେଳେ ୪ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଥାନା ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି। ଅପରପକ୍ଷରେ ପୋଲିସ ଉକ୍ତ ଥାନା ଅଧୀନ ଡେଙ୍ଗାଶୋଳ, ସମାଇଡ଼ିହି, ହାଣ୍ଡିଭଙ୍ଗା, ଲଦଡ଼ିହି ଆଦି ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ରାତିଅଧରେ ଉଠାଇ ଆଣିଥିବା ଗ୍ରାମର ମହିଳାମାନେ ଅଭିଯୋଗ କରିଛନ୍ତି। ପ୍ରତିବାଦରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ୩୦ ଉର୍ଦ୍ଧ୍ୱ ମହିଳା ଥାନାକୁ ଯାଇ ପୋଲିସକୁ ଏବାବଦରେ ପଚାରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ତେଣୁ ଉତ୍ତ୍ୟକ୍ତ ହୋଇ ମହିଳାମାନେ ଥାନା ଗେଟ ବନ୍ଦ କରିବା ସହିତ ମୋରଡ଼ା ବଜାର ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପୋଲିସ ଉଠାଇ ନେଇଥିବା ଲୋକଙ୍କ ମଧ୍ୟରୁ କେତେଜଣ ଦେବଶୋଳ ମେଳା ବୁଲିବାକୁ ଯାଇଥିବା ବେଳେ ଅନ୍ୟ କେତେ ଜଣ ଆଦିବାସୀ ଜାହିରା ପୂଜାରେ ବ୍ୟସ୍ତ ଥିଲେ। ପୋଲିସ କିଛି ନ ବୁଝି ସେମାନଙ୍କୁ ଉଠାଇ ନେଇଛି ବୋଲି ମହିଳାମାନେ କହିଛନ୍ତି। ପ୍ରାୟ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ରାସ୍ତା ଅବରୋଧ ହୋଇଥିବା ବେଳେ ଉତ୍ତେଜନା ବୃଦ୍ଧି ପାଇଥିଲା। ଖବରପାଇ ଏସ୍‌ଡିପିଓ ମିନତୀ ବିଶ୍ୱାଳ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ଏବାବଦରେ ଏସ୍‌ଡିପିଓ ବିଶ୍ୱାଳଙ୍କୁ ପଚାରିବାରୁ ପୋଲିସ ଘଟଣାର ତଦନ୍ତ ପାଇଁ କିଛି ଲୋକଙ୍କୁ ଅଟକ ରଖି ପଚାରାଉଚୁରା କରୁଛି। ପିଲାଚୋରିକୁ ନେଇ ଲୋକେ ଚିନ୍ତିତ ନ ହୋଇ ସନ୍ଦେହ ହେଲେ ପୋଲିସକୁ ଜଣାନ୍ତୁ ବୋଲି ସେ କହିଛନ୍ତି।




ଥାନା ସମ୍ମୁଖରେ ମହିଳାମାନେ ରାସ୍ତାରୋକୋ କରିଛନ୍ତି।

